## ସଂକ୍ଷେପରେ

### ଆଇନ ସଚେତନତା ଶିବିର, ଲେବର କାର୍ଡ ବଣ୍ଟନ



**ବ୍ରହ୍ମପୁର ଅଫିସ୍,୧।୧୧:** ଗଞ୍ଜାମ ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ପୁରୁଷୋତ୍ତମପୁର ପଞ୍ଚାୟତ କାର୍ଯ୍ୟାଳୟରେ ଅଣ ସଂଗଠିତ ଶ୍ରମିକଙ୍କ ନିମନ୍ତେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରାଧିକରଣ ସଚିବ ବିଜୟ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ବିଡିଓ ମଧୁସୂଦନ ମହାରଣା, ଜିଲା ଶ୍ରମ ଅଧିକାରୀ ଶିବନାରାୟଣ ସାହୁ, ଆଇନଜୀବୀ ଗୌରୀଶଙ୍କର ରାଉଳ ଏବଂ ନାଏବ ସରପଞ୍ଚ ସବିତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଗରିବ ଏବଂ ନିଃସହାୟ ଲୋକଙ୍କୁ ନ୍ୟାୟ ପ୍ରଦାନ କ୍ଷେତ୍ରରେ ପ୍ରାଧିକରଣ କାର୍ଯ୍ୟାଳୟର ଭୂମିକା ଓ ଅଣ ସଂଗଠିତ ଶ୍ରମିକମାନଙ୍କ ନିମନ୍ତେ ଥିବା ବିଭିନ୍ନ ଆଇନ ବିଷୟରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ୨୫ ଶ୍ରମିକଙ୍କୁ ଅଣସଂଗଠିତ ଲେବର କାର୍ଡ ପ୍ରଦାନ କରାଯାଇଥିଲା। ପାରା ଲିଗାଲ୍ ଭଲ୍ୟୁଣ୍ଟର ସଂଗ୍ରାମ କୁମାର ପ୍ରଧାନ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

### ଡମ୍ଫର ଧକ୍କାରେ ଜଣେ ମୃତ

**ଫୁଲବାଣୀ ଅଫିସ,୧।୧୧:** ସ୍ଥାନୀୟ ହନୁମାନ ମନ୍ଦିର ନିକଟରେ ଦୁର୍ଘଟଣା ଘଟି ଜଣେବ୍ୟକ୍ତିଙ୍କର ପ୍ରାଣହାନି ଘଟିଛି। ଗୁରୁବାର ରାତି ପ୍ରାୟ ୭ଟାରେ ଏହି ଦୁର୍ଘଟଣା ଘଟିଛି। ମୃତବ୍ୟକ୍ତିଙ୍କ ନାମ ମୋହନ ପାତ୍ର ଓ ତାଙ୍କ ଘର ଫୁଲବାଣୀ ସାହି। ସେ ଜଣେ ଅଟୋ ଡ୍ରାଇଭର ବୋଲି ଜଣାପଡିଛି। ମିଳିଥିବା ସୂଚନା ମୁତାବକ ମୋହନ ଓ ଅନ୍ୟ ଜଣେ ଯୁବକ ଏକ ସ୍କୁଟିରେ ସ୍ଥାନୀୟ ସର୍କୁଲାର ରୋଡରେ ଗାନ୍ଧୀଛକ ଆଡକୁ ଯାଉଥିବା ବେଳେ ଆଗରେ ଯାଉଥିବା ଏକ ଡମ୍ଫର(ଓଡି ୦୫ ଭି ୯୭୨୫)ର ପଛ ଚକ ପାଖରେ ବାଡେଇ ହୋଇଯାଇଥିଲେ। ଫଳରେ ମୋହନ ଡମ୍ଫରର ଚକା ତଳେ ପଡିଯିବାରୁ ତାଙ୍କର ଘଟଣା ସ୍ଥଳରେ ମୃତ୍ୟୁ ଘଟିଛି। ଡମ୍ଫର ଡ୍ରାଇଭର ଗାଡି ସହ ଥାନାରେ ଆତ୍ମସମର୍ପଣ କରିଛନ୍ତି। ପୋଲିସ ଡମ୍ଫର ଜବତ କରିଥିବା ବେଳେ ଅନ୍ୟ ଜଣେ ସ୍କୁଟି ଆରୋହୀ ଗାଡି ସହ ଘଟଣା ସ୍ଥଳରୁ ଚାଲି ଯାଇଥିବା ଜଣାପଡିଛି। ଖବର ଲେଖାଯିବା ପର୍ଯ୍ୟନ୍ତ ଏ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନାହିଁ।

### ବ୍ଲକସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା

**କବିସୂର୍ଯ୍ୟନଗର,୧।୧୧:** କବିସୂର୍ଯ୍ୟନଗର ମର୍ଦ୍ଦରାଜ ହାଇସ୍କୁଲରେ ଗୁରୁବାର ବ୍ଲକସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବେଦପାଠ ପ୍ରମୋଦ କୁମାର ଶତପଥୀ, ଅତିଥି ପରିଚୟ ପ୍ରଦାନ ଭରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋବିନ୍ଦ ପ୍ରସାଦ ରଥ, ମଞ୍ଚ ସଂଯୋଜକ ପଞ୍ଚାନନ ନାହାକ, ମୁଖ୍ୟଅତିଥି ବିଇଓ ନିରଞ୍ଜନ ମିଶ୍ର, ମୁଖ୍ୟବକ୍ତା ତହସିଲଦାର ପ୍ରକାଶ ଚନ୍ଦ୍ର ମିଶ୍ର, ସମ୍ମାନିତ ଅତିଥି ଭାବେ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିବେକାନନ୍ଦ ନାୟକ, ଏବିଇଓ ବିଷ୍ଣୁପ୍ରିୟା ନାୟକ, ନିରଞ୍ଜନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରୀଛାତ୍ର ପ୍ରାରମ୍ଭିକ ସଂଗୀତ, ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ପ୍ରତିଯୋଗିତାରେ ଭାଗ ନେଇଥିବା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

### ଫ୍ରେଣ୍ଡସ ଭଲିବଲ ଟୁର୍ନାମେଣ୍ଟ: ପୋଡ଼ାମାରି ବିଜୟୀ

**ଦିଗପହଣ୍ଡି/ ପାଟପୁର,୧।୧୧(ଡି.ଏନ.ଏ.):** ପାଟପୁର କଲେଜ ଖେଳ ପଡ଼ିଆରେ ଚାଲିଥିବା ଫ୍ରେଣ୍ଡସ ଭଲିବଲ ଟୁର୍ନାମେଣ୍ଟର ଗୁରୁବାର ପ୍ରଥମ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଦିଗପହଣ୍ଡିକୁ ୨-୦ରେ ହରାଇ ପୋଡ଼ାମାରି ଭଲିବଲ ଟିମ ପରବର୍ତ୍ତୀ ମ୍ୟାଚକୁ ଉନ୍ନୀତ ହୋଇଛନ୍ତି। କ୍ରୀଡ଼ାବିତ୍ ଗାଣ୍ଡୁ ରେଡ୍ଡୀ ରେଫରୀ ଥିଲେ। ଟୁର୍ନାମେଣ୍ଟ ଆୟୋଜକ କମିଟି କର୍ମକର୍ତ୍ତା ଜିତେନ୍ଦ୍ର ସ୍ୱାଇଁ, ଶିବାଜୀ ଜେନା, ଅମିତା ଲେଙ୍କା, ପ୍ରମୋଦ ପଣ୍ଡା ପ୍ରମୁଖ ମ୍ୟାଚ ପରିଚାଳନାରେ ସହାୟତା କରିଥିଲେ।

■ କଡ଼ା ସୁରକ୍ଷାରେ ଗଣ ବଳାତ୍କୃତା ନାବାଳିକାଙ୍କ ଚିକିତ୍ସା

# ବିଧାୟକ ପଦରୁ ଇସ୍ତଫା ଦାବିକଲା ଭାଜପା

ବ୍ରହ୍ମପୁର ଅଫିସ୍,୧।୧୧

କବିସୂର୍ଯ୍ୟନଗର ଥାନାଞ୍ଚଳର ଏକ ଗ୍ରାମରେ ଜଣେ ୯ବର୍ଷର ନାବାଳିକାଙ୍କୁ ଗଣ ବଳାତ୍କାର ଅଭିଯୋଗ ହୋଇଛି । ଗୁରୁତର ଅସୁସ୍ଥ ପୀଡିତାଙ୍କୁ ବ୍ରହ୍ମପୁର ବଡ ମେଡିକାଲ ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଭର୍ତ୍ତି କରାଯାଇଥିଲା । ତାଙ୍କ ସ୍ୱାସ୍ଥ୍ୟରେ ସାମାନ୍ୟ ଉନ୍ନତି ଆସିଥିବା ବେଳେ ସମ୍ପ୍ରତି ସେ ସୁସ୍ଥ ଥିବା ଡାକ୍ତର ଜଣାଇଛନ୍ତି ।

ଗୁରୁବାର ପୂର୍ବାହ୍ନରେ ଭାଜପା ରାଜ୍ୟ ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ବବିତା ପାତ୍ରଙ୍କ ନେତୃତ୍ୱରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ସୁବାସିନୀ ପଟ୍ଟନାୟକ, ଯମୁନା ନାୟକ, ପୂର୍ଣ୍ଣବାସୀ ପ୍ରଧାନ ଓ ଇନ୍ଦିରା ପଶୁପାଳକ ପ୍ରମୁଖ ପୀଡିତାଙ୍କୁ ଭେଟି ସମସ୍ତ ବିଷୟ ପଚାରି ବୁଝି ତୁରନ୍ତ ଦୋଷୀଙ୍କୁ ଗିରଫ କରିବା ନେଇ ଦାବି କରିଥିଲେ । ସେହିପରି ପୋଲସରା ବିଧାୟକଙ୍କ ନିର୍ବାଚନ ମଣ୍ଡଳୀରେ ଏଭଳି ଘଟଣା ଘଟିଥିବା ବେଳେ ନୈତିକତା ଦୃଷ୍ଟିରୁ ତାଙ୍କ ଇସ୍ତଫା ଦାବି କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ଜିଲାରେ ଏଭଳି କୁକାର୍ଯ୍ୟକୁ ନିନ୍ଦା କରାଯିବା ସହିତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ଦାବି କରାଯାଇଥିଲା । ସନ୍ଧ୍ୟାରେ ଭାଜପା ପକ୍ଷରୁ ଜିଲା ସଭାପତି କାହ୍ନୁ ଚରଣ ପତି, ବିଭୂତି ଭୂଷଣ ଜେନା ଓ ସୁନୀଲ ସାହୁ ପ୍ରମୁଖଙ୍କ ସମେତ ବହୁ କର୍ମୀ ବଡ ମେଡିକାଲ ସ୍ତ୍ରୀ ଓ ପ୍ରସୂତି ବିଭାଗରେ ପହଞ୍ଚିଥିଲେ। ପୀଡିତାଙ୍କୁ ଭେଟିବାକୁ ଯାଉଥିବା ସମୟରେ ପୋଲିସ ଅଟକାଇଥିଲା । ଚିକିତ୍ସା ଚାଲିଥିବାରୁ କାହାରିକୁ ଭେଟିବାକୁ ଅନୁମତି ଦିଆଯାଇ ନ ଥିଲା । ଯାହାକୁ ନେଇ କିଛି ସମୟ ଧରି ଲେବର ରୁମ୍ ସମ୍ମୁଖରେ ହୋହଲ୍ଲା ପାଟିତୁଣ୍ଡ ହୋଇଥିଲା । ଖବରପାଇ




ଲେବର ରୁମ୍ ସମ୍ମୁଖରେ ହୋହଲ୍ଲା, ପୋଲିସ ପହଞ୍ଚି ବୁଝାଶୁଝା କରୁଛି ।

#### ଦୋଷୀଙ୍କୁ ଗିରଫ କରା ନ ଗଲେ ଆନ୍ଦୋଳନ ଚେତାବନୀ

ବୈଦ୍ୟନାଥପୁର ଆଇଆଇସି ଜୟକୃଷ୍ଣ ପଟ୍ଟନାୟକ ସଦଳବଳେ ଏବଂ ଏମ୍କେସିଜି ଫାଣ୍ଡି ପୋଲିସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲେ । ଘଟଣାରେ ୩ ଜଣ ସମ୍ପୃକ୍ତ ଥିବା ବେଳେ ପୋଲିସ ଜଣଙ୍କୁ ଚିହ୍ନଟ କରିଛି । ଖୁବ୍ ଶୀଘ୍ର ଅନ୍ୟମାନଙ୍କୁ ଚିହ୍ନଟ କରି ସମସ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ ହେଲେ ବ୍ୟାପକ ଜନଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି ।

ଗଞ୍ଜାମ ଏସ୍ପି ବ୍ରିଜେଶ୍ ରାଏ ବଡ ମେଡିକାଲରେ ପୀଡିତାଙ୍କ ନିକଟରେ ପହଞ୍ଚି ସମସ୍ତ ଘଟଣା ବୁଝିବା ସହିତ ମାମଲାରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ସେହିପରି ସନ୍ଧ୍ୟାରେ ଡିଏସ୍ପି ଡି.କେ.ଦାସ ବଡ ମେଡିକାଲରେ ପହଞ୍ଚିଥିବା ବେଳେ ମହିଳା ପୋଲିସ ଅଧିକାରୀମାନଙ୍କୁ ମୁତୟନ କରାଯାଇଥିବା ଦେଖିବାକୁ ମିଳିଛି ।

■ ଅସାବଧାନତାରୁ କୂଅରେ ବୁଡ଼ିଗଲେ ମହିଳା

# ୨୫ ଫୁଟ ଗଭୀରରୁ ଉଦ୍ଧାର କଲା ଅଗ୍ନିଶମ ବିଭାଗ



କୂଅରୁ ମହିଳାଙ୍କୁ ଉଦ୍ଧାର କରାଯାଉଛି ।

ବ୍ରହ୍ମପୁର ଅଫିସ୍,୧।୧୧

ଅସାବଧାନତାରୁ ଜଣେ ମହିଳା ଗୁରୁବାର ପୂର୍ବାହ୍ନରେ କୂଅରେ ପଡିଯାଇଥିଲେ । ବ୍ରହ୍ମପୁର ଅଗ୍ନିଶମ ବିଭାଗ ପକ୍ଷରୁ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଇ ତାଙ୍କ ଜୀବନ ବଞ୍ଚାଯାଇ ପାରିଛି। ଦୀର୍ଘ ୩୦ ମିନଟ୍ ପରେ ମହିଳାଙ୍କୁ ୨୫ ଫୁଟ ଗଭୀର କୂଅ ମଧ୍ୟରୁ ଉଦ୍ଧାର କରାଯାଇଥିଲା । ପ୍ରକାଶ ଯେ, ଗୁରୁବାର ପୂର୍ବାହ୍ନରେ ବ୍ରହ୍ମପୁର ପାଣିଗ୍ରାହୀ ସାହିର ସନ୍ତୋଷ ପାଣିଗ୍ରାହୀଙ୍କ ସ୍ତ୍ରୀ କାଜଲ ଘର ଝାଡୁ କରୁଥିବା ବେଳେ ଅସାବଧାନତା ହେତୁ ଘର ମଧ୍ୟରେ ଥିବା କୂଅରେ ଖସିପଡିଥିଲେ। ପରିବାର ବର୍ଗ ପ୍ରଥମେ ରଶି ଆଣି ତାଙ୍କୁ ଉଦ୍ଧାର କରିବା ପାଇଁ ଚେଷ୍ଟା କରିଥିଲେ । ପରେ ସାହି ବାସିନ୍ଦା ଉଦ୍ଧାର କରିବା ପାଇଁ ବ୍ରହ୍ମପୁର ଅଗ୍ନିଶମ ବିଭାଗକୁ ଖବର କରିଥିଲେ । ଅତିରିକ୍ତ ଫାୟାର ଅଫିସର୍ ସନାତନ ମହାପାତ୍ରଙ୍କ ନେତୃତ୍ୱରେ ଦେବଦତ୍ତ ନାୟକ, ଅରବିନ୍ଦ ପ୍ରଧାନ, ଜିତେନ୍ଦ୍ର କୁମାର ପ୍ରଧାନ, ଶ୍ରୀନିବାସ ବେହେରା ଓ କୁଳମଣି କିଷାନ୍ ପ୍ରମୁଖ ପହଞ୍ଚି କୌଶଳ କ୍ରମେ ମହିଳାଙ୍କୁ ଉଦ୍ଧାର କରିଥିଲେ । ପରେ ଉକ୍ତ ମହିଳାଙ୍କୁ ସିଟି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ସେ ସୁସ୍ଥ ଥିବା ଡାକ୍ତର ଜଣାଇଥିଲେ ।

# ୩୫ କିଲୋ ପଲିଥିନ, ପ୍ଲାଷ୍ଟିକ ଜବତ



ଏକ ରେଷ୍ଟୁରାଣ୍ଟରୁ ଜବତ ହୋଇଥିବା ପ୍ଲାଷ୍ଟିକ, ପଲିଥିନ।

ବ୍ରହ୍ମପୁର ଅଫିସ, ୧।୧୧

ଆଧୁନିକ ସମାଜରେ ମନୁଷ୍ୟର ବିଳାସବ୍ୟସନ ପାଇଁ ବ୍ୟବହୃତ ପ୍ଲାଷ୍ଟିକ, ପଲିଥିନକୁ ରାଜ୍ୟ ସରକାର ବ୍ୟାନ କରିବା ପରେ ଗୁରୁବାରରୁ ବ୍ରହ୍ମପୁର ମହାନଗର ନିଗମ(ବିଏମସି) ପକ୍ଷରୁ ସହରର ବିଭିନ୍ନ ଅଞ୍ଚଳରେ ଚଢାଉ କରାଯାଇଛି । ନିଗମ କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର ଓ ଡେପୁଟି କମିଶନର ସୌରୀନ୍ଦ୍ର ରାଉତରାୟଙ୍କ ନେତୃତ୍ୱରେ ବିଏମ୍ସିର

#### ବିଏମ୍ସିର ଚଢାଉ

ଏନଫୋର୍ସମେଣ୍ଟ ସ୍କ୍ୱାଡ୍କୁ ନେଇ ଗଠିତ ଦୁଇଟି ଟିମ ସହରର ଏସଏନ୍ଟି ରୋଡ, ସାଇକମ୍ପ୍ଲେକ୍ସ, ଗୌତମ ହଲ ରୋଡ, ଗିରିମାର୍କେଟ ଛକରେ ଥିବା ଦୋକାନ, ରେଷ୍ଟୁରାଣ୍ଟ ଉପରେ ଆତର୍କିତ ଚଢାଉ କରି ବିପୁଳ ପରିମାଣରେ ପଲିଥିନ, ପ୍ଲାଷ୍ଟିକ ସାମଗ୍ରୀ ଜବତ କରିଥିଲା । ପ୍ରାୟ ୩୫ କିଲୋ ଓଜନର ପଲିଥିନ, ପ୍ଲାଷ୍ଟିକ ଷ୍ଟ୍ର, ପ୍ଲାଷ୍ଟିକ ଚାମଚ ଜବତ କରାଯାଇଥିବା ସୂଚନା ମିଳିଛି। ପୂର୍ବରୁ ବିଏମ୍ସି ପକ୍ଷରୁ କରାଯାଇଥିବା ନିୟମାନୁଯାୟୀ ପ୍ରଥମ ପର୍ଯ୍ୟାୟ ହୋଇଥିବାରୁ ସମସ୍ତ ଦୋକାନ, ପ୍ରତିଷ୍ଠାନ, ରେଷ୍ଟୁରାଣ୍ଟ ପଲିଥିନ, ପ୍ଲାଷ୍ଟିକ ସାମଗ୍ରୀ ନ ରଖିବାକୁ ତାଗିଦ କରାଯାଇଥିବା କମିଶନର ରାଠୋର ସୂଚନା ଦେଇଛନ୍ତି । ଏହି ପ୍ରକ୍ରିୟା ଜାରି ରହିବା ସହ ଦ୍ୱିତୀୟ ପର୍ଯ୍ୟାୟ ଚଢାଉ ସମୟରେ ଜବତ ପଲିଥିନ, ପ୍ଲାଷ୍ଟିକ ସାମଗ୍ରୀ ଅନୁପାତରେ ଜରିମାନା ଆଦାୟ କରାଯିବ ବୋଲି କମିଶନର ସୂଚାଇଛନ୍ତି ।

## ଏଆଇସିସି ଆଇନ ସେଲ୍ ଓଡ଼ିଶା ସଂଯୋଜକ ହେଲେ ଜିତେନ୍ଦ୍ର

**ବ୍ରହ୍ମପୁର ଅଫିସ,୧।୧୧:** ଏଆଇସିସି (ଅଖିଳ ଭାରତ କଂଗ୍ରେସ କମିଟି) ଆଇନ ସେଲର ଓଡ଼ିଶା ପାଇଁ ସଂଯୋଜକ ହୋଇଛନ୍ତି ସୁପ୍ରିମକୋର୍ଟର ଓଡ଼ିଆ ଆଇନଜୀବୀ ଜିତେନ୍ଦ୍ର ମହାପାତ୍ର । ଜାତୀୟ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଅନୁମୋଦନକ୍ରମେ ଏଆଇସିସି ଆଇନ ସେଲ ମୁଖ୍ୟ ବିବେକ ଥାଙ୍କା ଏହି ନିଯୁକ୍ତି ଦେଇଛନ୍ତି। ବ୍ରହ୍ମପୁର ସହର ବାସିନ୍ଦା ଜିତେନ୍ଦ୍ର ଦୀର୍ଘବର୍ଷରୁ ସୁପ୍ରିମକୋର୍ଟରେ ଓକିଲାତି କରୁଛନ୍ତି। କିଛିବର୍ଷ ପୂର୍ବେ ସେ ସୁପ୍ରିମକୋର୍ଟ ବାର ଆସୋସିଏଶନର ସହ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିଲେ । ଏବେ ସୁପ୍ରିମକୋର୍ଟ କଂଗ୍ରେସ ଲିଗାଲ ସେଲ ସାଧାରଣ ସମ୍ପାଦକ ଅଛନ୍ତି ମହାପାତ୍ର। ସୂଚନାଯୋଗ୍ୟ, ଛାତ୍ର ଜୀବନରୁ ଜିତେନ୍ଦ୍ର କଂଗ୍ରେସ ଛାତ୍ର ସଂଗଠନ ସହ ସମ୍ପୃକ୍ତ ଥିଲେ। ଦିଲ୍ଲୀରେ ଆଇନ ପେସା କରୁଥିଲେ ମଧ୍ୟ ବିଭିନ୍ନ ସମୟରେ କଂଗ୍ରେସର ବଡ଼ ବଡ଼ିଆ ନେତାଙ୍କ ଓଡ଼ିଶା ଗସ୍ତ ବେଳେ ସେ ଉପସ୍ଥିତ ରହୁଛନ୍ତି। ମହାପାତ୍ରଙ୍କ ନୂଆ ନିଯୁକ୍ତି ପାଇଁ ଏଠାର ଅନେକ ଓକିଲ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। କଂଗ୍ରେସ ପକ୍ଷରୁ ମଧ୍ୟ ଶୁଭେଚ୍ଛା ଜ୍ଞାପନ କରାଯାଇଛି ।

## ପ୍ରଦୀପ ହତ୍ୟା ମାମଲା: ୨ ଅଟକ, ମୃତକଙ୍କ ନାମରେ ଥିଲା ଏକାଧିକ ମାମଲା

ବ୍ରହ୍ମପୁର ଅଫିସ୍,୧।୧୧

ବ୍ରହ୍ମପୁର ଖାରବେଳନଗର ତୃତୀୟ ଲେନ୍ ଏକ୍ସଟେନଶନ୍ରେ ଘଟିଥିବା ପ୍ରଦୀପ ବେହେରା ହତ୍ୟା ମାମଲାରେ ପୋଲିସ ୨ ଜଣଙ୍କୁ ଅଟକ ରଖି ପଚରାଉଚୁରା ଜାରି ରଖିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ହତ୍ୟାକାଣ୍ଡ ଘଟିଥିବା ପୋଲିସ ସ୍ପଷ୍ଟ କରିଥିବା ବେଳେ ତଦନ୍ତ ପ୍ରକ୍ରିୟା ତ୍ୱରାନ୍ୱିତ କରାଯାଉଥିବା ସଦର ଏସ୍ଡିପିଓ ଅଶୋକ କୁମାର ମହାନ୍ତି ସୂଚନା ଦେଇଛନ୍ତି। ତଥାପି ତଦନ୍ତର ବିଭିନ୍ନ ଦିଗକୁ ବଢାଇ ଅନ୍ୟ କାହାରି ସମ୍ପୃକ୍ତି ନେଇ ତନାଘନା ଜାରି ରଖାଯାଇଥିବା ପୋଲିସ କହିଛି । ମୃତ ପ୍ରଦୀପଙ୍କ ବାପା ହାଡୁବନ୍ଧୁଙ୍କ ଏତଲାକୁ ଭିତ୍ତିକରି ନଂ. ୨୬୧/୧୮ରେ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ଆଇଆଇସି ଶିବଶଙ୍କର ମହାପାତ୍ର ସୂଚନା ଦେଇଛନ୍ତି । ପ୍ରକାଶଯେ, ପ୍ରଦୀପ ମଙ୍ଗଳବାର ସନ୍ଧ୍ୟାରୁ ଘରୁ ବାହାରକୁ ଯାଇ ଫେରି ନ ଥିଲେ । ପରିବାର ବର୍ଗ ବହୁ ଖୋଜାଖୋଜି କରିବା ପରେ ତାଙ୍କୁ ପାଇ ନ ଥିଲେ। ବୁଧବାର ସକାଳେ ଘର ନିକଟସ୍ଥ ଏକ ଅର୍ଦ୍ଧନିର୍ମାଣାଧୀନ ଘରୁ ତାଙ୍କ ମୃତଦେହ ସାହି ବାସିନ୍ଦା ଠାବ କରିଥିଲେ। ମୃତ ପ୍ରଦୀପ ବିଭିନ୍ନ ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ ଥିବା ବେଳେ କେବଳ ସଦର ଥାନାରେ ତାଙ୍କ ନାଁରେ ୩ ମାମଲା ରୁଜୁ ରହିଥିବା ଏସ୍ଡିପିଓ ମହାନ୍ତି ଜଣାଇଛନ୍ତି। ସେହି ଯୋଗୁ ପ୍ରଦୀପଙ୍କର ବିଭିନ୍ନ ଅସାମାଜିକ ବ୍ୟକ୍ତିଙ୍କ ସହ ଶତ୍ରୁତା ରହିଆସିଥିଲା। ଫଳରେ କୌଣସି ଏକ ପ୍ରସଙ୍ଗକୁ ନେଇ ସେମାନଙ୍କ ମଧ୍ୟରେ ବାଦବିବାଦ ଲାଗି ରହିଥିବା ବେଳେ ମଙ୍ଗଳବାର ବିଳମ୍ବିତ ରାତିରେ ତାଙ୍କୁ ପଥରରେ ଛେଚି ହତ୍ୟା କରାଯାଇଛି ବୋଲି ଜଣାଯାଇଛି । ପୋଲିସ ତଦନ୍ତର ଶେଷ ପର୍ଯ୍ୟାୟରେ ପହଞ୍ଚ ଥିବା ବେଳେ ଖୁବ୍ ଶୀଘ୍ର ସମସ୍ତ ରହସ୍ୟ ପର୍ଦ୍ଦାଫାଶ କରାଯିବ ବୋଲି ସୂଚନା ଦିଆଯାଇଛି ।

# ଅମିତଙ୍କ ସହାୟତା ଟଙ୍କା ଫେରାଇବେ ନବୀନ

ବ୍ରହ୍ମପୁର ଅଫିସ,୧।୧୧

ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କୁ ଲକ୍ଷେ ଟଙ୍କା ଫେରାଇବେ ଗଞ୍ଜାମ ଜିଲା କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ହୁଗୁଳାପଟାର କ୍ଷୁଦ୍ର ବ୍ୟବସାୟୀ ନବୀନ ସ୍ୱାଇଁ । ସୂଚନାଯୋଗ୍ୟ, ୨୦୧୭ ଜୁଲାଇ ୪ରେ ଶାହ ଗଞ୍ଜାମ ଗସ୍ତରେ ଆସିଥିଲେ ଓ ପ୍ରଥମେ ହୁଗୁଳାପଟାରେ ଭାଜପାର ଏକ ସମାବେଶ କରିଥିଲେ। ଏହି ଅବସରରେ ନବୀନଙ୍କ ଭଙ୍ଗାଦଦରା ଘରେ ଦଳର ଅନ୍ୟମାନଙ୍କ ସହିତ ଶାହ ମଧ୍ୟାହ୍ନ ଭୋଜନ କରିଥିଲେ । ଦିଲ୍ଲୀ ଫେରିବା ପରେ ଗରିବ ନବୀନଙ୍କୁ ୧ଲକ୍ଷ ଟଙ୍କାର ସହାୟତା ପଠାଇଥିଲେ ଶାହ। ସେତେବେଳେ ଭାଜପାରେ ଥିଲେ ନବୀନ ।

ଗୁରୁବାର ଗଞ୍ଜାମ ଜିଲା ବିଜେଡି ପକ୍ଷରୁ ହୁଗୁଳାପଟାରେ ହୋଇଥିଲା ମିଶ୍ରଣ ପର୍ବ। ଗୋପାଳପୁର ବିଧାୟକ ତଥା ଜିଲା ବିଜେଡି ସଭାପତି ପ୍ରଦୀପ

#### ହୁଗୁଳାପଟା ରାଜନୀତି

ପାଣିଗ୍ରାହୀଙ୍କ ଉପସ୍ଥିତିରେ ଅଞ୍ଚଳର କେତେଜଣ ଭାଜପା କର୍ମୀ ଓ ସମର୍ଥକ ବିଜେଡିରେ ଯୋଗ ଦେଇଥିଲେ । ଏହି ପରିପ୍ରେକ୍ଷୀରେ ନବୀନ ସ୍ୱାଇଁ ମଧ୍ୟ ଭାଜପା ଛାଡ଼ି ବିଜେଡିରେ ସାମିଲ ହୋଇଥିଲେ। ଏକ ପ୍ରେସ ବିବୃତିରେ ସ୍ୱାଇଁ ଦର୍ଶାଇଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶ ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ବିଜେଡିରେ ଯୋଗ ଦେଇଛନ୍ତି । ତେଣୁ ଅମିତ ଶାହଙ୍କ ଅନୁଗ୍ରହ ଲକ୍ଷେ ଟଙ୍କା ଫେରାଇ ଦେବେ। ଏହାକୁ ନେଇ ରାଜନୀତି ମଧ୍ୟ ଜୋର ଧରିଛି । ଗଞ୍ଜାମ ଜିଲା ଭାଜପା ସଭାପତି କାହ୍ନୁ ଚରଣ ପତି ପ୍ରତିକ୍ରିୟାରେ କହିଛନ୍ତି, ନବୀନ ସ୍ୱାଇଁ ଭାଜପାର କର୍ମୀ ବା ସଦସ୍ୟ ନ ଥିଲେ । ତାଙ୍କ ଦରିଦ୍ର ଅବସ୍ଥା ଦେଖି ଲକ୍ଷେ ଟଙ୍କା ସାହାଯ୍ୟ କରାଯାଇଥିଲା ।

# ଦୁର୍ନୀତିର ମୂଳୋତ୍ପାଟନରେ ଯୁବପିଢ଼ି ସାମିଲ ହେବାକୁ ଆହ୍ୱାନ

ବ୍ରହ୍ମପୁର ଅଫିସ,୧।୧୧

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ସିନେଟ ହଲରେ ଗୁରୁବାର ଦୁର୍ନୀତି ନିବାରଣ ସପ୍ତାହ ପାଳିତ ହୋଇଯାଇଛି । ଏହି ଅବସରରେ କୁଳପତି ପ୍ରଫେସର ରାଜେନ୍ଦ୍ର ପ୍ରସାଦ ଦାସଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ସମାଜରେ ଦୁର୍ନୀତିକୁ ହଟାଇବାକୁ ହେଲେ ମଣିଷକୁ ପ୍ରଥମେ ନିଜ ମଧ୍ୟରେ ଥିବା ନକାରାତ୍ମକ ଚିନ୍ତାଧାରାକୁ ଦୂର କରିବାକୁ ହେବ । ପ୍ରତ୍ୟେକ ବ୍ୟକ୍ତି ନିଜର ସ୍ଥିତି ଓ କର୍ତ୍ତବ୍ୟ ଉପରେ ଧ୍ୟାନ ଦେଇ କର୍ମ କରିବାକୁ ହେବ ବୋଲି କୁଳପତି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ନାତକୋତ୍ତର ବିଭାଗ ସମୂହ ଅଧ୍ୟକ୍ଷ ପ୍ରଫେସର ଦେବୀ ପ୍ରସନ୍ନ ପଟ୍ଟନାୟକ, ଭାରପ୍ରାପ୍ତ କୁଳସଚିବ ତଥା ବିତ୍ତ ନିୟନ୍ତ୍ରକ ପ୍ରଫେସର ବିଭୂତି ଭୂଷଣ ମହାପାତ୍ର, ଗୋପାଳପୁର ଥାନାଧିକାରୀ ସୁଶାନ୍ତ କୁମାର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ । ଦୁର୍ନୀତିର ମୂଳୋତ୍ପାଟନ କରିବା ଦିଗରେ ସମସ୍ତ ଯୁବସମାଜ ଆଗଭର ହେବାକୁ ହେବାକୁ ଆହ୍ୱାନ ଦିଆଯାଇଥିଲା। ଆଗକୁ ବଢିବା ପାଇଁ ସଚ୍ଚୋଟତା ଏବଂ ଅକ୍ଳାନ୍ତ ପରିଶ୍ରମର ପଥ ଆପଣେଇବା ନେଇ ବକ୍ତାମାନେ ପରାମର୍ଶ ଦେଇଥିଲେ । ସହ କୁଳସଚିବ ଡ. ସରୋଜ କୁମାର ଦାଶ ସଯୋଜନା କରିଥିବା ବେଳେ କ୍ୟାମ୍ପସ ସୁପରଭାଇଜର ଡ. ମିହିର ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ, ଗବେଷିକା ଗବେଷକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ।




କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ରାଜେନ୍ଦ୍ର ପ୍ରସାଦ ଦାସ ଉଦ୍ବୋଧନ ଦେଉଛନ୍ତି ।

#### ଭଞ୍ଜବିହାରରେ ଦୁର୍ନୀତି ନିବାରଣ ସପ୍ତାହ

## ଫଟୋରେ ଖବର



ଆସିକା ରୋଡ୍ର ବିନାୟକ ଆଚାର୍ଯ୍ୟ ହାଇସ୍କୁଲ ନିକଟରେ ଏକ ମାଲ ବୋଝେଇ ଟ୍ରକ୍ ବୁଧବାର ବିଳମ୍ବିତ ରାତିରେ ଡିଭାଇଡର୍ରେ ଚଢି ଯାଇଛି ।




ଗୋପାଳପୁର ବେଳାଭୂମିରେ ବାଲୁକା ଶିଳ୍ପୀ ସତ୍ୟନାରାୟଣ ମହାରଣା ବେଳାଭୂମି ସୁରକ୍ଷା ସଚେତନତା ଉଦ୍ଦେଶ୍ୟରେ ବାଲୁକା କଳାକୃତି ପ୍ରସ୍ତୁତ କରିଛନ୍ତି । (ଫଟୋ– ସମୀର ରଥ)

## ସଂକ୍ଷେପରେ

### ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଉଦ୍‌ଘାଟିତ

**ବୁଗୁଡ଼ା,୧।୧୧(ଡି.ଏନ.ଏ.):** ବୁଗୁଡ଼ା ବ୍ଲକ ତାକରଡ଼ା ପଞ୍ଚାୟତର ମତାଝରି ଓ ବିରଞ୍ଚିପୁର ପଞ୍ଚାୟତର ଆଦିପୁର ଠାରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ବିଧାୟକ ଶ୍ରୀକାନ୍ତ ସାହୁଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଧାୟକଙ୍କ ସମେତ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗର ସହ ନିର୍ବାହୀ ଯନ୍ତ୍ରୀ ପଞ୍ଚାନନ ଦାଶ, କନିଷ୍ଠ ଯନ୍ତ୍ରୀ ସନ୍ତୋଷ କୁମାର ଦାଶ ଓ ଶୁଭଶ୍ରୀ ମହାରଣା, ନୃସିଂହ ଚରଣ ଦାଶ, ସଞ୍ଜୟ କୁମାର ମହାରଣା, ବ୍ଲକ ବିଜେଡି ସଭାପତି ଇଂ. ମଦନ ଗୋପାଳ ଦୋରା, ଜିଲା ବିଜେଡି ସମ୍ପାଦକ ସୁଧାଂଶୁ ପାଢ଼ୀ, ନଗର ବିଜେଡି ସଭାପତି ରାଜେନ୍ଦ୍ର ପାଢୀଙ୍କ ସମେତ ବିଜେଡି କର୍ମୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

### ଧରାକୋଟରେ କେନ୍ଦ୍ରୀୟ ଟିମ୍

**ଧରାକୋଟ, ୧।୧୧(ଡି.ଏନ.ଏ.):** ତିତ୍‌ଲି ବାତ୍ୟାରେ କ୍ଷତିଗ୍ରସ୍ତ ଧରାକୋଟ ବ୍ଲକର ବିଭିନ୍ନ ଗ୍ରାମକୁ ଗୁରୁବାର କେନ୍ଦ୍ରୀୟ ଟିମ୍ ପରିଦର୍ଶନ କରିଛନ୍ତି। କାଳଷଣ୍ଢପୁର ଠାରେ ଏଡିଏମ୍ ବିଜୟ କୁମାର ଦାସଙ୍କ ସମେତ ପ୍ରଶାସନିକ ଅଧିକାରୀମାନେ କେନ୍ଦ୍ରୀୟ ଟିମ୍‌ର ୩ଜଣ ସଦସ୍ୟ ଡ. ବିରେନ୍ଦ୍ର ସିଂ. ବନ୍ଦନା ସିଂଘଣ ଏବଂ ଗୁଲଜାରି ଲାଲଙ୍କୁ କ୍ଷୟକ୍ଷତି ଅଞ୍ଚଳ ବୁଲାଇ ଦେଖାଇବା ସହ ରଷିକୁଲ୍ୟା ଓ ବଡନଦୀର ସ୍ଥାୟୀ ନଦୀବନ୍ଧ ନିର୍ମାଣ, କ୍ଷତିଗ୍ରସ୍ତ ଜାତୀୟ ରାଜପଥ, ବିଦ୍ୟୁତ୍ ବିଭାଗର କ୍ଷତିଗ୍ରସ୍ତ ସାମଗ୍ରୀ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର କ୍ଷତିଗ୍ରସ୍ତ ପ୍ରକଳ୍ପ ସବୁ ଦେଖାଇଥିଲେ। ଏହାପରେ ବ୍ଲକର ବିଶେଷଭାବେ କ୍ଷତିଗ୍ରସ୍ତ ଜଗମୋହନ, ଜାହାଡା, ବରଡାବାଲି, ଦଶମାଇଲି ପ୍ରଭୃତି ଅଞ୍ଚଳ ବୁଲି ଦେଖିଥିଲେ। ରଷିକୂଲ୍ୟା ଓ ଆଗୁଳ ନାଳ ଦ୍ୱାରା ହୋଇଥିବା ବାଲିଚର ଜମି, ଆଖୁଚାଷ ଓ ପନିପରିବା ଜମୀକୁ ଅନୁଧ୍ୟାନ କରିଥିଲେ। ଏହି ଦଳ ସହ ଧରାକୋଟ ତହସିଲଦାର ଗଦାଧର ପାତ୍ର, ବିଡିଓ ରବି ନାରାୟଣ ତ୍ରିପାଠୀ, ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ।

### ବିଜେଡିର ଜନ ସମ୍ପର୍କ ପଦଯାତ୍ରା

**ପୋଲସରା,୧।୧୧(ଡି.ଏନ.ଏ.)-** ପୋଲସରା ବ୍ଲକ ଘୋଡ଼ାପଲାଣ, କରଞ୍ଜରା, କରାତଳି ଓ ହାତୀଓଟ ପ୍ରଭୃତି ଗ୍ରାମମାନଙ୍କରେ ଗୁରୁବାର ବିଜେଡି ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ଯୋଗଦେଇ ନବୀନ ସରକାରଙ୍କ ଜନହିତକର କାର୍ଯ୍ୟକ୍ରମ ଓ ଯୋଜନା ଉପରେ ଆଲୋକପାତ କରିଥିଲେ। ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଲୋକମାନଙ୍କ ପାଖରେ ପହଞ୍ଚି ସେମାନଙ୍କର ଆବଶ୍ୟକୀୟ ମୌଳିକ ସମସ୍ୟା ପ୍ରତି ଯତ୍ନବାନ ହୋଇ କାର୍ଯ୍ୟ କରିବାକୁ ଜନ ପ୍ରତିନିଧିମାନଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ବଳରାମ ସେଠୀ, ଉପାଧ୍ୟକ୍ଷା ସଞ୍ଜୁକ୍ତା ବାଡ଼ତ୍ୟା, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ପ୍ରଧାନ, ବିଜୁ ଶ୍ରମିକ ସାମ୍ମୁଖ୍ୟର ଜିଲା ସମ୍ପାଦକ ସନ୍ତୋଷ କୁମାର ବେହେରା, ଗଙ୍ଗାଧର ସାହୁ, ମୋତିରାମ ସାହୁଙ୍କ ସମେତ ଜିଲା ପରିଷଦ ସଭ୍ୟ, ସରପଞ୍ଚ, ସମିତିସଭ୍ୟ ଓ ବିଜେଡି କର୍ମୀ ଅଂଶଗ୍ରହଣ କରିଥିଲେ।

## ବନ୍ଦର ଶ୍ରମିକ ମହାସଂଘର ଗଣଧାରଣା ୭ମ ଦିନ ବିତିଲା

# ଆନ୍ଦୋଳନକୁ ସମର୍ଥନ ଜଣାଇଲା ଜିଲା କଂଗ୍ରେସ

**ବ୍ରହ୍ମପୁର ଅଫିସ,୧।୧୧**

ଗୋପାଳପୁର ବନ୍ଦର ଶ୍ରମିକ ମହାସଂଘ ଗଣ ଆନ୍ଦୋଳନକୁ ଗଞ୍ଜାମ ଜିଲା କଂଗ୍ରେସ ଓ ଏହାର ଶ୍ରମିକ ସଂଗଠନ ଆଇଏନଟିୟୁସି (ଇଣ୍ଡିଆନ ନ୍ୟାଶନାଲ ଟ୍ରେଡ ୟୁନିୟନ କଂଗ୍ରେସ) ଜିଲା ଶାଖା ସମର୍ଥନ ଜଣାଇଛି । ବନ୍ଦର ଶ୍ରମିକମାନଙ୍କୁ ବର୍ଷସାରା କାମ ଯୋଗାଇବା ସହିତ ୯ ଦଫା ଦାବି ପୂରଣ ପାଇଁ ଚାଲିଥିବା ଗଣଧାରଣା ଗୁରୁବାର ସପ୍ତମ ଦିବସ ବିତିଛି । ଗୁରୁବାର ଜିଲା କଂଗ୍ରେସ ସଭାପତି ଡ଼ା. ତ୍ରିନାଥ ବେହେରା, କାର୍ଯ୍ୟକାରୀ ସଭାପତି ତଥା ଆଇଏନଟିୟୁସି ଜିଲା ଶାଖା ସଭାପତି ପୀତବାସ ପଣ୍ଡା, ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ଭୋକାଲି ସେଠୀଙ୍କ ନେତୃତ୍ୱରେ ଅନେକ କର୍ମୀ ଆନ୍ଦୋଳନସ୍ଥଳକୁ ଯାଇ ଗଣଧାରଣାରେ ସାମିଲ ହୋଇଥିଲେ ।

ଫେରିବା ପରେ କଂଗ୍ରେସ ନେତାମାନେ ବ୍ରହ୍ମପୁରରେ ଗଣମାଧ୍ୟମକୁ କହିଛନ୍ତି, ଆନ୍ଦୋଳନର ଏକ ସପ୍ତାହ ବିତିବା ପରେ ବି ସମସ୍ୟାର ସମାଧାନ ପାଇଁ ସରକାର ତଥା ଜିଲା ପ୍ରଶାସନ ପଦକ୍ଷେପ ନେଇନାହାନ୍ତି । ଫଳରେ ଆନ୍ଦୋଳନ ତେଜିବାରେ ଲାଗିଥିବା ବେଳେ ବନ୍ଦର ଶ୍ରମିକଙ୍କ ପରିବାର ଆର୍ଥିକ ଅନଟନରେ ଶିକାର ହୋଇ ଭୋକ ଉପାସରେ ଶଢ଼ୁଛନ୍ତି । ଅପରପକ୍ଷରେ ରାଜ୍ୟ ସରକାରଙ୍କ ନିଜସ୍ୱ ପ୍ରାୟ ୧୪୦ କୋଟି ଟଙ୍କା ବ୍ୟୟରେ ହୋଇଥିବା ଗୋପାଳପୁର କ୍ଷୁଦ୍ର ବନ୍ଦର ୧୯୯୯ ମହାବାତ୍ୟାରେ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିଲା । ଏହାର ୭ ବର୍ଷ ପରେ ଅଚଳ ବନ୍ଦରକୁ ବିଜେଡି ସରକାର ୨୦୦୬ରେ ଘରୋଇ କମ୍ପାନୀକୁ ଟେକିଦେଲେ। ସେହି କମ୍ପାନୀ ସବୁଦିନିଆ ବନ୍ଦରରେ ପରିଣତ କରିବାର ଚୁକ୍ତିବଦ୍ଧ ହୋଇଥିଲା। ୨୦୧୨ ସୁଦ୍ଧା ସମ୍ପୂର୍ଣ୍ଣ ସବୁଦିନିଆ ବନ୍ଦର କରାଯିବାର ନିଷ୍ପତ୍ତି ହୋଇଥିଲା। ନିର୍ଦ୍ଧାରିତ ସମୟରେ ପୂର୍ଣ୍ଣାଙ୍ଗ ସବୁଦିନିଆ ବନ୍ଦର ହୋଇ ନ ଥିବା ଜିଲା କଂଗ୍ରେସ ଅଭିଯୋଗ କରିଛି ।

ଅପରପକ୍ଷରେ ବନ୍ଦର କର୍ତ୍ତୃପକ୍ଷ ନିଜ ପ୍ରତିଶ୍ରୁତି ପାଳନ କରିନାହାନ୍ତି ଏବଂ ଶ୍ରମିକମାନଙ୍କୁ ବର୍ଷସାରା କାମ ଯୋଗାଇବାରେ ଖିଲାପ କରୁଛନ୍ତି। ତେଣୁ ମହାସଂଘ ଆନ୍ଦୋଳନକୁ ଓହ୍ଲାଇଛି । ରାଜ୍ୟ ସରକାର ତୁରନ୍ତ ହସ୍ତକ୍ଷେପ କରି ମହାସଂଘର ଦାବି ପୂରଣ କରିବା ପାଇଁ କଂଗ୍ରେସ ଓ ଆଇଏନଟିୟୁସି ଗୁରୁତ୍ୱାରୋପ କରିଛି । ନ ଚେତ ଏହାର ପ୍ରତିବାଦରେ କଂଗ୍ରେସ ପକ୍ଷରୁ ଆନ୍ଦୋଳନ ଜୋରଦାର କରାଯିବାର ଚେତାବନୀ ଦିଆଯାଇଛି ।

# ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା



ପ୍ରତିଯୋଗିତାରେ ଛାତ୍ରୀମାନେ ଦୌଡ଼ୁଛନ୍ତି ।

**ବ୍ରହ୍ମପୁର ଅଫିସ,୧।୧୧**

ବ୍ରହ୍ମପୁର ଷ୍ଟାଡିୟମ୍‌ରେ ରଙ୍ଗେଇଲୁଣ୍ଡା ଏବଂ କୁକୁଡ଼ାଖଣ୍ଡି ବ୍ଲକସ୍ତରୀୟ ବିଦ୍ୟାଳୟ ସମୂହ ଦୌଡ଼କୁଦ, କ୍ରିକେଟ୍ ଏବଂ ଯୋଗାସନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଭାତୀ ମହାପାତ୍ର ଏବଂ କୁକୁଡ଼ାଖଣ୍ଡ ଗୋଷ୍ଠୀ ଶିକ୍ଷା ଅଧିକାରୀ ଏସ୍. ଗିରିଧର ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଜୁନିୟର୍ ଏବଂ ସିନିୟର୍ ଦଳରେ ୧୦୦, ୨୦୦, ୪୦୦, ୬୦୦, ୮୦୦, ୧୦୦୦, ୧୫୦୦ ଏବଂ ୩୦୦୦ ମିଟର ଦୌଡ଼, ଲଙ୍ଗ ଜମ୍ପ, ହାଇଜମ୍ପ, ଶଟ୍‌ପୁଟ୍, ଡିସ୍‌କସ୍ ଥ୍ରୋ, ଜାଭଲିନ୍, ଯୋଗାସନ ଏବଂ କ୍ରିକେଟ ପ୍ରତିଯୋଗିତାରେ ପ୍ରାୟ ୫ଶହ ପ୍ରତିଯୋଗୀ ଭାଗନେଇଥିଲେ। କୃତୀ ପ୍ରତିଯୋଗୀମାନେ ଆସନ୍ତା ୫ ଏବଂ ୬ତାରିଖରେ ହେବାକୁ ଥିବା ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗନେବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। କାର୍ଯ୍ୟକ୍ରମରେ ଏବିଇଓ ଶୁକଦେବ ମହାନ୍ତି ଏବଂ ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଭାଗୀରଥି ସ୍ୱାଇଁ ଏହାକୁ ପରିଚାଳନା କରିଥିଲେ । ପ୍ରତିଯୋଗିତା ଆୟୋଜନର ସଫଳତା ପାଇଁ କ୍ରୀଡ଼ା ଶିକ୍ଷକ କେଦାରନାଥ ଚୌଧୁରୀ, କେଦାର ସାହୁ, ଅରୁଣ ସାହୁ, ନର୍ମଦା ନାୟକ, ରଙ୍ଗେଇଲୁଣ୍ଡା, ବ୍ରହ୍ମପୁର ମହାନଗର ନିଗମ ଓ କୁକୁଡ଼ାଖଣ୍ଡି ବ୍ଲକର ସମସ୍ତ ସିଆର୍‌ସିସି ଏବଂ ସମସ୍ତ କ୍ରୀଡ଼ା ଶିକ୍ଷକ ଓ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

# ଯୁବକଙ୍କ ଆତ୍ମହତ୍ୟା

**ଭଞ୍ଜନଗର,୧।୧୧(ଡି.ଏନ.ଏ.)**

ଭଞ୍ଜନଗର ଥାନା ଗାମୁଣ୍ଡିର ସୁଶାନ୍ତ ନାୟକ (୩୨) ବୁଧବାର ରାତିରେ ରଶି ଲଗାଇ ନିଜ ଘରେ ଆତ୍ମହତ୍ୟା କରିଛନ୍ତି। ଗୁରୁବାର ସକାଳେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ହସ୍‌ପିଟାଲକୁ ପଠାଇଛି। ପାରିବାରିକ ଅଶାନ୍ତିରୁ ସୁଶାନ୍ତ ଆତ୍ମହତ୍ୟା କରିଥିବା ଥାନା ଅଧିକାରୀ ସୁଦୀପ ସାହୁ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ସୁଶାନ୍ତ ଓ ତାଙ୍କ ସ୍ତ୍ରୀ ମଧ୍ୟରେ କୌଣସି କାରଣରୁ ବିଗତ କିଛିମାସ ହେଲା ମନୋମାଳିନ୍ୟ ହୋଇଥିଲା। ପରେ ସ୍ତ୍ରୀ ଥାନାରେ ସ୍ୱାମୀଙ୍କ ବିରୋଧରେ ଅଭିଯୋଗ କରିଥିଲେ। ଏଭଳି ପରିସ୍ଥିତିରେ ସୁଶାନ୍ତ ବୁଧବାର ରାତିରେ ଆତ୍ମହତ୍ୟା କରିଥିଲେ। ସକାଳୁ ସୁଶାନ୍ତଙ୍କ ବାପା ଉଠି ଦେଖିବା ବେଳକୁ ପୁଅ ଆତ୍ମହତ୍ୟା କରିଥିବା ଜଣାପଡିଥିଲା।

### ଭାଜପା ପକ୍ଷରୁ ପାତ୍ରପୁର ବ୍ଲକ ଘେରାଉ

**ପାତ୍ରପୁର,୧।୧୧(ଡି.ଏନ୍.ଏ.):** ଚିକିଟି ନିର୍ବାଚନ ମଣ୍ଡଳୀ ଭାଜପା ତରଫରୁ ଗୁରୁବାର ପାତ୍ରପୁର ବ୍ଲକ ଘେରାଉ କରାଯାଇଛି। ଶତାଧିକ କର୍ମୀ ବମକୋଇ ଠାରୁ ଏକ ବାଇକ ରାଲି ସହ ପଥପ୍ରାନ୍ତ ସଭାଯାତ୍ରା କରି ସାମନ୍ତିଆପଲ୍ଲୀ, ପାତ୍ରପୁର ମୁଖ୍ୟ ବସଷ୍ଟାଣ୍ଡ ଓ ବଡ଼ ବ୍ରାହ୍ମଣସାହି ଦେଇ ପାତ୍ରପୁର ବ୍ଲକ କାର୍ଯ୍ୟାଳୟ ଠାରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଯୁବ ନେତା ମନୋରଞ୍ଜନ ଦ୍ୟାନ ସାମନ୍ତରା, ରାଜ୍ୟ କାର୍ଯ୍ୟକାରୀଣି ସଦସ୍ୟ ଉଦୟ ନାଥ ପ୍ରଧାନଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ସଭାପତି କାହ୍ନୁଚରଣ ପତି, ଗଜପତି ଜିଲା ପ୍ରଭାରୀ ସରୋଜ ସାବତ, ରାଜ୍ୟ କାର୍ଯ୍ୟକାରୀଣି ସଦସ୍ୟ ସୁନିଲ ସାହୁ, ପ୍ରତାପ ମିଶ୍ର, ଶଙ୍କର ପ୍ରସାଦ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କୃଷକ ମୋର୍ଚ୍ଚା ପ୍ରଭାରୀ ଅଜିତ ପ୍ରଧାନ, ପାତ୍ରପୁର କୃଷକ ମୋର୍ଚ୍ଚା ସଭାପତି ସଞ୍ଜୟ ମହାନ୍ତି, ପ୍ରଶାନ୍ତ ମଣ୍ଡଳ, ବାବାଜିଓଡ଼ିଆ, ସୁବାସ ବକ୍ସି, ଇଶ୍ବରୁଆପନ୍ନା ରେଡ୍ଡୀ, ଯୁବମୋର୍ଚ୍ଚା ସଭାପତି ପ୍ରଶାନ୍ତ ଜାନୀ, ମନୁସେନାର ସଂଯୋଜକ ସରୋଜ ପଣ୍ଡା, ଦେବଦତ୍ତ ପଣ୍ଡା, ଅକ୍ଷୟ ସେଠୀ, ଦୀନବନ୍ଧୁ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଏନ୍‌ସିସି ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ବ୍ରହ୍ମପୁର ଅଫିସ,୧।୧୧**



ଏନ୍‌ସିସି କ୍ୟାଡେଟ୍‌ଙ୍କୁ ବନ୍ଧୁକ ଚାଳନା ତାଲିମ୍ ଦିଆଯାଉଛି ।

ପ୍ରଥମ ଓଡ଼ିଶା କମ୍ପୋଜିଟ୍ ଟେକ୍ନିକାଲ୍ କମିଟି ଏନ୍‌ସିସି ୟୁନିଟ୍ ଏବଂ ଦ୍ୱିତୀୟ ଓଡ଼ିଶା ମେଡ଼ିକାଲ୍ କମ୍ପାନୀ ଏନ୍‌ସିସି ପକ୍ଷରୁ ବ୍ରହ୍ମପୁର ସହର ନିକଟସ୍ଥ ଆଙ୍କୁଶପୁର ଏସ୍‌ଏମ୍‌ଆଇଟିରେ ଏନ୍‌ସିସି ଆର୍ମି ୱିଙ୍ଗ୍‌ର ମିଳିତ ବାର୍ଷିକ ପ୍ରଶିକ୍ଷଣ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଦୁଇଟି ପର୍ଯ୍ୟାୟ ଯଥା ଅକ୍ଟୋବର ୧୩ରୁ ୨୨ ଏବଂ ୨୩ରୁ ନଭେମ୍ବର ୧ ତାରିଖ ଯାଏ ଦିନ ଦିନ ଲେଖାଏ ଏହି ଶିବିର ଆୟୋଜିତ ହୋଇଥିଲା । ଏଥିରେ ୪୫୦ କ୍ୟାଡେଟ୍ ଅଂଶଗ୍ରହଣ କରି ସାମାଜିକ ସେବା, ମିଲିଟାରୀ ତାଲିମ୍, ଆତ୍ମରକ୍ଷା କୌଶଳ, ବନ୍ଧୁକ ଚାଳନା ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। କର୍ନେଲ୍ ଚନ୍ଦନ ଝାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ମିଲିଟାରୀ କର୍ମଚାରୀଙ୍କ ସମେତ ସିଟି ହାଇସ୍କୁଲ ଏନ୍‌ସିସି ଚିଫ୍ ଅଫିସର ଗୋପାଳକୃଷ୍ଣ ମିଶ୍ର, କୈଳାସ ସାହୁ, ଏମ୍. ଗୌରାଙ୍ଗ, ସୁଧାକର, ସୁରେଶ ଚନ୍ଦ୍ର ପାତ୍ର ଓ ନିରାନନ୍ଦ ସାହୁ ପ୍ରମୁଖ ଯୋଗଦେଇ ତାଲିମ୍ ପ୍ରଦାନ କରିଥିଲେ । ବିଭିନ୍ନ ସମୟରେ ଉଚ୍ଚପଦସ୍ଥ ଅଧିକାରୀମାନେ ପରିଦର୍ଶନ କରି କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ। ପ୍ରତିଯୋଗିତାର କୃତୀ ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯାଇଥିଲା ।


## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ bmpselfie@gmail.com ରେ ଆମର ସେଲ୍‌ଫି କର୍ଣ୍ଣରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଲବରେ ସାମିଲ ହୁଅନ୍ତୁ।




## ସେଲ୍‌ଫି କର୍ଣ୍ଣର



@ ସାଗର



@ ସତ୍ୟ



@ ଶିବ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | bmpselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

# ଆନ୍ତଃ ମହାବିଦ୍ୟାଳୟ ବକ୍ତୃତା ପ୍ରତିଯୋଗିତା

**ବ୍ରହ୍ମପୁର ଅଫିସ,୧।୧୧**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସିନେଟ ହଲରେ ଆନ୍ତଃ ମହାବିଦ୍ୟାଳୟ ବକ୍ତୃତା ପ୍ରତିଯୋଗିତା ଗୁରୁବାର ପୂର୍ବାହ୍ନରେ ଉଦ୍‌ଘାଟିତ ହୋଇଯାଇଛି । ନଭେମ୍ବର ୩ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମର ପ୍ରଥମ ଦିବସରେ 'ଏକ ବିଂଶ ଶତାବ୍ଦୀରେ ଗାନ୍ଧୀ ନୀତି ଅପ୍ରାସଙ୍ଗିକ' ଶୀର୍ଷକ ଉପରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଇଂଲିଶ ପ୍ରଫେସର ରାମନାରାୟଣ ପଣ୍ଡା, ପ୍ରଫେସର ବଳଭଦ୍ର ତ୍ରିପାଠୀ ଏବଂ ଡ. ସ୍ମୃତି ଦାଶ ପ୍ରମୁଖ ବିଚାରକ ଭାବେ ଯୋଗ ଦେଇଥିଲେ। ଏଥିରେ ୧୦ ମହାବିଦ୍ୟାଳୟ ସମେତ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ବିଭିନ୍ନ ବିଭାଗର ୪୦ ଛାତ୍ରୀଛାତ୍ର ଏଥିରେ ଭାଗ ନେଇଥିଲେ । ପ୍ରତିଯୋଗିତାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସାମୁଦ୍ରିକ ବିଜ୍ଞାନ ବିଭାଗର ଛାତ୍ରୀ ଶୁଭଶ୍ରୀ ଜେନା ପ୍ରଥମ ହୋଇଥିବା ବେଳେ ଚିକିଟି ମହାବିଦ୍ୟାଳୟ ଛାତ୍ର କିରଣ କୁମାର ପାଢୀ ଦ୍ୱିତୀୟ, ଗୁଣପୁର ଗାନ୍ଧୀ କଲେଜର ଛାତ୍ର ପୃଥ୍ୱୀରାଜ ଟେରକୁରୁ ଏବଂ ବିଶ୍ୱବିଦ୍ୟାଳୟର ଗଣିତ ବିଭାଗ ଛାତ୍ର ପ୍ରଣୟ ପ୍ରିତମ ସାହୁ ତୃତୀୟ ହୋଇଛନ୍ତି । ତିନିଦିନିଆ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଚାନ୍ସଲର କପ, ୟୁନିଭରସିଟି କପ ଏବଂ ପଣ୍ଡିତ ନୀଳକଣ୍ଠ ଦାସ ସ୍ମାରକୀ ପୁରସ୍କାର ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି । ଏହି କାର୍ଯ୍ୟକ୍ରମକୁ ସହ କୁଳସଚିବ ଡ. ସରୋଜ କୁମାର ଦାଶ, ଦେବୀ ପ୍ରସାଦ ଦାଶ ଏବଂ ମିହିର କୁମାର ତ୍ରିପାଠୀ ପରିଚାଳନା କରଥିଲେ ।

# ଗୁମିକିଆରେ ବିଜେଡିର ପଦଯାତ୍ରା

**ଦାରିଙ୍ଗବାଡି,୧।୧୧(ଡି.ଏନ୍.ଏ.)**

ଦାରିଙ୍ଗବାଡ଼ି ବ୍ଲକ ଗୁମିକିଆ ପଞ୍ଚାୟତ ଅଞ୍ଚଳରେ ଗୁରୁବାର ବିଜେଡିର ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏଥିରେ ପର୍ଯ୍ୟବେକ୍ଷକ ବିକ୍ରମ ପଣ୍ଡାଙ୍କ ସମେତ ଜିଲା ସଭାପତି ସରୋଜ କର୍ଣ୍ଣ, ଯୁବ ମୋର୍ଚ୍ଚା ସଭାପତି ପ୍ରଦୀପ କୁମାର ପ୍ରଧାନ, ଜିଲା ପରିଷଦ ଅଧ୍ୟକ୍ଷା ଆଂକାକ୍ଷା ପ୍ରଧାନ, ଦାରିଙ୍ଗବାଡ଼ି ବ୍ଲକ ଅଧ୍ୟକ୍ଷା ସୁବେନ୍ତ୍ରୀ ପ୍ରଧାନ, ପୂର୍ବତନ ବିଧାୟକ ସାଲୁଗା ପ୍ରଧାନ,ଏମପିଙ୍କ ବ୍ଲକ ପ୍ରତିନିଧି ଦୀପକ କୁମାର ସାହୁ, ଧର୍ମେନ୍ଦ୍ର ପ୍ରଧାନ,ଦିଲୀପ ପ୍ରଧାନ ଓ ଜ୍ୟୋତିରାଜ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇ ରାଜ୍ୟ ସରକାରଙ୍କ ଲୋକାଭିମୁଖି କାର୍ଯ୍ୟ ସମ୍ପର୍କରେ ଉଦ୍‌ବୋଧନ ଦେଇ ଜନସଚେତନ କରାଇଥିଲେ । ଏହି ଅବସରରେ ଦାରିଙ୍ଗବାଡ଼ିରୁ ଏକ ବାଇକ ରାଲି ଏମ୍‌ପି ପ୍ରତିନିଧି ଦୀପକ କୁମାର ସାହୁଙ୍କ ନେତୃତ୍ୱରେ ବାହାରି ଶ୍ରୀନିକେତା, ସିମନବାଡ଼ି, ତିଲୋରୀ ଓ ବୁଡାଗୁଡ଼ା ହୋଇ ଗୁମିକିଆରେ ପହଞ୍ଚିଥିଲା । ସେଠାରେ ପଦଯାତ୍ରା ସହ ସଭାର ଆୟୋଜନ କରାଯାଇଥିଲା ।



ସଭାରେ ଉପସ୍ଥିତ ନେତା ଓ କର୍ମୀମାନେ।

# ପରୀ-୨: ଗଞ୍ଜାମକୁ ରାଜ୍ୟସ୍ତରୀୟ ସମ୍ମାନ

**ବ୍ରହ୍ମପୁର ଅଫିସ,୧।୧୧**

ଶିଶୁ ସୁରକ୍ଷା କାର୍ଯ୍ୟରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଗଞ୍ଜାମ ଜିଲା ଶିଶୁ ମଙ୍ଗଳ କମିଟି ରାଜ୍ୟସ୍ତରରେ ସମ୍ମାନିତ ହୋଇଛି। ଭୁବନେଶ୍ୱର କିଟ ସମ୍ମିଳନୀ କକ୍ଷରେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଷ୍ଟମ ପ୍ରତିଷ୍ଠା ଦିବସ ତଥା ଶିଶୁ ଅଧିକାର ସୁରକ୍ଷା ସମ୍ପର୍କିତ ରାଷ୍ଟ୍ରୀୟ ସମ୍ମିଳନୀର ପ୍ରଥମ ଦିବସରେ ଗୁରୁବାର ଗଞ୍ଜାମ ଜିଲା ସିଡବ୍ଲ୍ୟୁସିକୁ ଏହି ରାଜ୍ୟସ୍ତରୀୟ ସମ୍ମାନ ପ୍ରଦାନ କରାଯାଇଛି। ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ନିର୍ଦ୍ଦେଶକ୍ରମେ ସିଡବ୍ଲ୍ୟୁସି ପକ୍ଷରୁ ହୋଇଥିବା ପରୀ-୨ କାର୍ଯ୍ୟକ୍ରମର ଉଲ୍ଲେଖନୀୟ ଅବଦାନ ପାଇଁ ଜିଲାକୁ ଏହି ସମ୍ମାନ ମିଳିଛି । କାର୍ଯ୍ୟକ୍ରମରେ ୬୦୦ରୁ ଊର୍ଦ୍ଧ୍ୱ ଶିଶୁଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା, ୧୮ ଶିଶୁଙ୍କୁ ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ, ୨୪ ଜଣଙ୍କୁ ଧନ୍ଦାମୂଳକ କାର୍ଯ୍ୟରେ ନିୟୋଜିତ କରିବା ସହ ୧୧ଶିଶୁ ସୁରକ୍ଷା ଅନୁଷ୍ଠାନର ଅଗ୍ରଗତି ପ୍ରତି ଧ୍ୟାନଦେବା, ବାହାର ରାଜ୍ୟରୁ ଉଦ୍ଧାର ଶିଶୁ ଶ୍ରମିକ ପରିବାରକୁ ଯତ୍ନ ଓ ସୁରକ୍ଷାରେ ହସ୍ତାନ୍ତର କରିବା, ଶିଶୁଙ୍କୁ ପୃଷ୍ଠପୋଷକତା ପ୍ରଦାନ କରିବା, ଶିଶୁ ସ୍ୱାସ୍ଥ୍ୟ, ଶିକ୍ଷା, କ୍ରୀଡା, ବାଲ୍ୟବିବାହ ରୋକିବା, ବିଭିନ୍ନ ବିଭାଗ ସହ ସମନ୍ୱୟ ରକ୍ଷା କରିବା ଭଳି କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲା ସିଡବ୍ଲ୍ୟୁସି କମିଟି ରାଜ୍ୟରେ ଶ୍ରେଷ୍ଠସ୍ଥାନ ଅଧିକାର କରିଥିବା ସିଡବ୍ଲ୍ୟୁସି ପକ୍ଷରୁ କୁହାଯାଇଛି। ଏହି କାର୍ଯ୍ୟକ୍ରମରେ ପୋଲିସ ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମା, ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା, ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଖଣ୍ଡପଡା ବିଧାୟକ ଅନୁଭବ ପଟ୍ଟନାୟକ, ସମବାୟ ଓ ଖାଦ୍ୟ ନିଗମ ସଚିବ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ । ଜିଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ରଞ୍ଜିତ କୁମାର ବାନାର୍ଜୀ, ସଭ୍ୟ ହରିହର ପାଢୀ, ଜ୍ୟୋତି କୁମାରୀ, ଶ୍ୟାମକାନ୍ତ ଜେନା, ମିନତୀ ପ୍ରଧାନ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁବୋଧ ଷଡ଼ଙ୍ଗୀ, ସୁଦାମ ପାଣିଗ୍ରାହୀ, ସୁରତ ମହାରଣା, ସୁଶାନ୍ତ କୁମାର ସାହୁ, ସୁନୀତା ହୋତା, ଶିବ ପ୍ରସାଦ ରଥ, କାମେଶ୍ୱର ପରିଚ୍ଛା ଓ ରଞ୍ଜିତା ମିଶ୍ର ପ୍ରମୁଖ ଉପସ୍ଥିତ ରହି ଅତିଥିଙ୍କଠାରୁ ଉପଢୌକନ ମାନପତ୍ର ଗ୍ରହଣ କରିଥିବା ନେଇ ସିଡବ୍ଲ୍ୟୁସି ପକ୍ଷରୁ କୁହାଯାଇଛି ।



ସିଡବ୍ଲ୍ୟୁସି ଗଞ୍ଜାମର ସଦସ୍ୟମାନେ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ।

ଧରିତ୍ରୀ
DHARITRI
ବ୍ରହ୍ମପୁର, ଶୁକ୍ରବାର, ୨ ନଭେମ୍ବର, ୨୦୧୮



## ସଂକ୍ଷେପରେ

### ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

**ଗୋପାଳପୁର,୧।୧୧:** ଗୋପାଳପୁର ବିଜ୍ଞାପିତ ଅଞ୍ଚଳରେ ଭିକ୍ଷାବୃତ୍ତି କରୁଥିବା ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଗୁରୁବାର ପୋଲିସ ଉଦ୍ଧାର କରିଛି। ବୁଧବାର ବିଳମ୍ବିତ ରାତିରେ ଗୋପାଳପୁର ବାତ୍ୟା ଆଶ୍ରୟସ୍ଥଳି ନିକଟରେ ତାଙ୍କର କୌଣସି କାରଣରୁ ମୃତ୍ୟୁ ଘଟିଥିଲା। ଗୁରୁବାର ପୂର୍ବାହ୍ନରେ ସାହିବାସିନ୍ଦା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡ଼ାକ୍ତରଖାନାକୁ ପଠାଇଛି। ଏନେଇ ନଂ.୨୧/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

### ଟ୍ରକ୍ ଧକ୍କାରେ ଆଇଟିଆଇ ଛାତ୍ର ଗୁରୁତର

**ହିଞ୍ଜିଳିକାଟୁ, ୧।୧୧(ଡି.ଏନ୍.ଏ.):** ହିଞ୍ଜିଳି ଥାନା ପୋଚିଲିମା ଛକ ଜାତୀୟ ରାଜପଥରେ ଗୁରୁବାର ଟ୍ରକ ଧକ୍କାରେ ଜଣେ ଆଇଟିଆଇ ଛାତ୍ର ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ହିଞ୍ଜିଳିକାଟୁ ବ୍ଲକ ପୁଟିଆପଦରର ଅନିଲ ସେଠୀ। ଅନିଲ ପୋଚିଲିମା ଆଇଟିଆଇର ଛାତ୍ର। ଗୁରୁବାର ପୂର୍ବାହ୍ନରେ ପୋଚିଲିମା ଛକରେ ବସରୁ ଓହ୍ଲାଇ ରାସ୍ତା ପାର ହେଉଥିବା ବେଳେ ବ୍ରହ୍ମପୁରରୁ ହିଞ୍ଜିଳିକାଟୁ ଦିଗରେ ଆସୁଥିବା ଟ୍ରକ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ଅନ୍ୟ ଛାତ୍ରମାନେ ତାଙ୍କୁ ଉଦ୍ଧାର କରି ହିଞ୍ଜିଳିକାଟୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ସେଠାରୁ ତାଙ୍କୁ ବ୍ରହ୍ମପୁର ବଡ଼ ଡ଼ାକ୍ତରଖାନାକୁ ପଠାଯାଇଛି। ଦୁର୍ଘଟଣା ପରେ ଆଇଟିଆଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ହିଞ୍ଜିଳିକାଟୁ ବ୍ଲକ ଅଧକ୍ଷ ଏନ. ରଘୁନାଥ ଅନିଲଙ୍କ ଚିକିତ୍ସା ପାଇଁ ୧୦ହଜାର ଟଙ୍କା ପ୍ରଦାନ କରିଛନ୍ତି। ପୋଲିସ ଦୁର୍ଘଟଣା ଘଟାଇଥିବା ଟ୍ରକକୁ ଜବତ କରିବା ସହ ଚାଳକଙ୍କୁ ଅଟକ ରଖା ଯାଇଥିବା ଆଇଆଇସି ପ୍ରଶାନ୍ତ କୁମାର ସାହୁ କହିଛନ୍ତି।

### ଆମ ପୋଲିସ ସମିତି ବୈଠକ



**ଗଞ୍ଜାମ,୧।୧୧(ଡି.ଏନ.ଏ.):** ଗଞ୍ଜାମ ଥାନା ପକ୍ଷରୁ ଆମ ପୋଲିସ ସମିତି ବୈଠକ ଥାନା କାର୍ଯ୍ୟାଳୟରେ ମଙ୍ଗଳବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଥାନାଧିକାରୀ ଅନିଲ କୁମାର ମାହାନ୍ତି ଅଧକ୍ଷତା କରିଥିଲେ। ଅବସରପ୍ରାପ୍ତ ଇଂଲିଶ ଅଧ୍ୟାପକ ଭିକାରୀ ଚରଣ ବେହେରା, ପ୍ରମୋଦ କୁମାର ପଣ୍ଡା, କରପଡ଼ା ସରପଞ୍ଚ ପ୍ରତିନିଧି ଭାସ୍କର ନାୟକ, ଏ. କାଳିଆ ବେହେରା, ନେହେରୁ ଯୁବକେନ୍ଦ୍ର ବ୍ଲକ ସ୍ୱେଚ୍ଛାସେବୀ ବିଜୟଲକ୍ଷ୍ମୀ ମହାଙ୍କଡ଼ ପ୍ରମୁଖ ଉପସ୍ଥିତ ଥିଲେ। ମାସକୁ ଥରେ ହେଉଥିବା ଆମ ପୋଲିସ ସମିତି ବୈଠକ ଥାନା ମଧରେ ସୀମିତ ନ ରଖି ପଞ୍ଚାୟତ ଗୁଡ଼ିକରେ କରାଯିବା ପାଇଁ ଉପସ୍ଥିତ ସଦସ୍ୟମାନେ ପ୍ରସ୍ତାବ ଦେଇଥିଲେ। ଫଳରେ ଆଗାମୀ ବୈଠକ କରପଡ଼ା ପଞ୍ଚାୟତରେ କରାଯିବାକୁ ରେଜୁଲେଶନରେ ଉପସ୍ଥାପନା କରାଯାଇଥିଲା। ଏଥିସହିତ ଏବେ ବି ବାହାରେ ଲୋକମାନେ ମଳତ୍ୟାଗ କରୁଛନ୍ତି। ତାକୁ ରୋକିବା ଦିଗରେ ପଦକ୍ଷେପ ନିଆଯିବ ଏବଂ ବୁଲାଗୋରୁଙ୍କୁ ମୁଖ୍ୟରାସ୍ତାରୁ ହଟାଇବା ନିମନ୍ତେ ଆଲୋଚନା ହୋଇଥିଲା।

### ଜାତୀୟ୍ ଏକତା ଦିବସ ଉପଲକ୍ଷେ ସଚେତନତା ଶୋଭାଯାତ୍ରା



**ବାଲିଗୁଡ଼ା,୧।୧୧(ଡି.ଏନ୍.ଏ.):** ବାଲିଗୁଡ଼ା ଟାଉନ୍ ସ୍ଥିତ ପଣସପଡ଼ି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ୍ ପରିସରରେ ପ୍ରଧାନ ଶିକ୍ଷୟିତ୍ରୀ ରେଣୁକାବତୀ ସାହାଣୀଙ୍କ ତତ୍ତ୍ୱାବଧାନରେ ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ବିଦ୍ୟାଳୟ୍ ପରିସରରୁ ବାହାରି ସମଗ୍ର ପଣସପଡ଼ି ପରିକ୍ରମା କରି ଏକତା ସମ୍ପର୍କିତ ସଚେତନତା ବାର୍ତ୍ତା ପ୍ରଚାର କରିଥିଲେ। ପରେ ଛାତ୍ରୀଛାତ୍ରମାନେ ବିଦ୍ୟାଳୟ୍‌ରେ ପହଞ୍ଚିବା ପରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ସର୍ଦ୍ଦାର ପଟେଲଙ୍କ ଫଟୋଚିତ୍ରରେ ଉପସ୍ଥିତ ଶିକ୍ଷୟିତ୍ରୀଶିକ୍ଷକ ଛାତ୍ରୀଛାତ୍ର ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସାହାଣୀ ପଟେଲଙ୍କ ଜୀବନୀ ସମ୍ପର୍କରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଞ୍ଜନ ପାଣୀଗ୍ରାହୀ, ସୁଦୀପ୍ତା ମହାପାତ୍ର, ସ୍ନେହଲତା ସାହୁ, ସବିତା ମହାନ୍ତି, ବିଜୟଲକ୍ଷ୍ମୀ ବେହେରା, ମୋହିନୀ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଶେରଗଡ଼ ପାଇଁ ବିପଦ ନନ୍ଦିନୀ ନଦୀ

**ସୂର୍ଯ୍ୟ ନାରାୟଣ ଦାଶ**
**ଶେରଗଡ,୧।୧୧(ଡି.ଏନ୍.ଏ.)**

ଶେରଗଡ ବ୍ଲକର ମୁଖ୍ୟ ଗ୍ରାମ ଶେରଗଡରେ ୯୦୦୦ରୁ ଉର୍ଦ୍ଧ୍ୱ ପରିବାର ବସବାସ କରନ୍ତି। ଏହି ଅଞ୍ଚଳ ପାଇଁ ଏବେ ଦୁଃଖ ପାଲଟିଛି ନନ୍ଦିନୀ ନଦୀ। ଗତ ୪ ନଭେମ୍ବର ୧୯୯୦ରେ ନନ୍ଦିନୀ ନଦୀରେ ବନ୍ୟାଆସି ବ୍ୟାପକ କ୍ଷୟକ୍ଷତି ଘଟାଇଥିଲା। ସେବେଠାରୁ ଦୀର୍ଘ ୧୯ ବର୍ଷ ହେଲା ଏହି ଅଞ୍ଚଳରେ ବନ୍ୟା ଓ ବାତ୍ୟା ଲାଗି ରହିଛି। ନଦୀ କାଳକ୍ରମେ ପୋତି ହୋଇଯିବାରୁ ଏପରି ପରିସ୍ଥିତି ଉପୁଜୁଛି। ପ୍ରତିବର୍ଷ ବନ୍ୟା ହେଲେ କେଉଟସାହିର ତଳମୁଣ୍ଡ, ବଡଦାଣ୍ଡସାହି, ହାଟବନ୍ଧ କଲୋନୀସାହି, କେଉଟସାହିର ହରିଜନ ସାହି, ବାଲିସାହି ନିକଟସ୍ଥ ହରିଜନସାହି, ବାଇପାସ ଶ୍ରୀରାମ ନଗର ସାହି, ତୋଟାସାହି, ନଦୀତଟ ହରିଜନ ସାହି, ବ୍ଲକ କଲୋନୀ ସାହି, ବ୍ଲକରସରକାରୀ କଲୋନୀ, ହରିଜନସାହି, ନଦୀ ସାହି ଲୋକେ ଜଳବନ୍ଦୀ ହୋଇ ରୁହନ୍ତି। ବଡଦାଣ୍ଡ ସାହି ଫଛପଟେ ଶହଶହ ଭରଣ ଜମିର ଧାନ ଫସଲ ଗଲା ୨୦ ବର୍ଷ ହେଲା କ୍ଷତି ହୋଇଛି। ଫଳରେ ଚାଷୀ ମାନେ ନାହିନଥିବା ହଇରାଣ ହେଉଛନ୍ତି। ଲଗାଣବର୍ଷା, ମହାବାତ୍ୟା, ଫାଇଲିନ, ହୁଡହୁଡ ସମୟରେ ଲୋକେ ପାଣି ଘେରରେ ରହି ବହୁ ଅସୁବିଧାର ସମ୍ମୁଖିନ ହୋଇଛନ୍ତି। ଏହାର ପୁନରୁଦ୍ଧାର ସହ ଆଡିବନ୍ଧ ଉଚ୍ଚା ହେଲେ ଏହି ଅଞ୍ଚଳବାସୀ ବନ୍ୟା ଦାଉରୁ ରକ୍ଷା ପାଇ ପାରନ୍ତେ। ଏନେଇ ସ୍ଥାନୀୟ ପ୍ରଶାସନ କିମ୍ବା ନେତାଙ୍କର ଆନ୍ତରିକତା ନ ଥିବା ମନେ ହୁଏ। ଗତ ୧୦ ବର୍ଷ ତଳେ ଜଳସେଚନ ବିଭାଗ ପକ୍ଷରୁ



ପୋତି ହୋଇ ଯାଇଥିବା ନନ୍ଦିନୀ ନଦୀ।

ନଦୀର ପୁନରୁଦ୍ଧାର ହୋଇଥିଲେ ମଧ ଏବେ ପୁଣି ପୋତି ହୋଇ ଗଲାଣି।

ଶେରଗଡରେ ବନ୍ୟାର ଅନ୍ୟଏକ କାରଣ ଶେରଗଡ ତିନିଛକ ଓ ନୂତନ କଳିଙ୍ଗବୈଶ୍ୟ ଭବନ ଦେଇ ଏକ ନାଳ ଯାଇଛି। ଉକ୍ତ ନାଳରେ ପାଟପଲ୍ଲି, ବରମୁଣ୍ଡଳୀ, ପଚ୍ଚାପାବୁଲି, କରଡାକଣା, ମଛାକୋଟ ସମେତ ୨୦ରୁ ଅଧିକ ଗ୍ରାମର ବର୍ଷାଜଳ ନିଷ୍କାସନ ହୋଇଥାଏ। ମାତ୍ର ଏହାର ଚଉଡା କମ୍ ଯୋଗୁ ଏତେ ପାଣି ନିଷ୍କାସନ ହୋଇ ନ ପାରି କୃତ୍ରିମ ବନ୍ୟା ସୃଷ୍ଟି ହେଉଛି। ଗତ ୨୦ ବର୍ଷ ମଧ୍ୟରେ ବିଧାୟକ ତଥା ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଇନାହିଁ, କିମ୍ବା ସ୍ଥାନୀୟ ଜଳସେଚନ ବିଭାଗ, ଜିଲା ପ୍ରଶାସନ ଏଦିଗରେ ଚେଷ୍ଟା କରୁନାହାନ୍ତି।

ଏ ସମ୍ପର୍କରେ ବଡଦାଣ୍ଡସାହିର ଅବସରପ୍ରାପ୍ତ ଶିକ୍ଷକ କୁମାର ସ୍ୱାମୀ ଆଚାରୀ କୁହନ୍ତି, ଶେରଗଡର ବନ୍ୟା ପ୍ରଶାସନ ଯୋଗୁ ହେଉଛି। ୨୦ ବର୍ଷ ହେଲା ଏହାର ପ୍ରତିକାର ପାଇଁ କହି ଆସୁଛୁ ଅଥଚ ପ୍ରଶାସନ ଚୁପ ବସିଛି। ଶେରଗଡବାସୀଙ୍କୁ ଚରମ ଅବହେଳା କରାଯାଉଛି। ନାଳ ନର୍ଦ୍ଦମା ଜବର ଦଖଲରେ ରହିଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଉ।

**– କୁମାରସ୍ୱାମୀ ଆଚାରୀ, ଅବସରପ୍ରାପ୍ତ ଶିକ୍ଷକ**

ପ୍ରକୃତବନ୍ଧୁ ପୁରସ୍କାର ପ୍ରାପ୍ତ ସମାଜିକକର୍ମୀ ତଥା ବିଜେତା ତଥା ବିଜେଡି ନେତା ଦୁର୍ଗାମାଧବ ବିଷୋୟୀ କହନ୍ତି। ଶେରଗଡ ନନ୍ଦିନୀନଦୀକୁ ଗଭୀର କରାଯାଇ ତାର ହୁଡାରେ ପଥରବନ୍ଧ ନିର୍ମାଣ ସହ ହୁଡାରେ ବୃକ୍ଷରୋପଣ କରାଗଲେ ମାଟି କ୍ଷୟ ରୋକାଯାଇ ପାରନ୍ତା ଓ ବନ୍ୟାଜଳ ଶେରଗଡ ଭିତରେ ନ ପଶି ନଦୀରେ ନିଷ୍କାସିତ ହୋଇଯାଆନ୍ତା।

**– ଦୁର୍ଗାମାଧବ ବିଷୋୟୀ, ପ୍ରକୃତବନ୍ଧୁ ପୁରସ୍କାର ପ୍ରାପ୍ତ ସମାଜସେବୀ**

ଉକ୍ତ ନଦୀଟି ଜଳସେଚନ ବିଭାଗର ହେଲେ ମଧ୍ୟ ନାଳ ନର୍ଦ୍ଦମା ବିଭାଗ ସବୁ କରୁଛି। ତଥାପି ଉକ୍ତ ନଦୀର ବିଭିନ୍ନ ଜାଗାରେ ଚେକ୍‌ଡ୍ୟାମ ଓ ପାଦଚଲା ପୋଲ କରିବା ଯୋଗୁ ପାଣି ଠିକ ଭାବେ ନିଷ୍କାସନ ହୋଇପାରୁନାହିଁ। ଫଳରେ ଏ ପ୍ରକାର ଅସୁବିଧା ହେଉଛି। ଏହାକୁ ଅନୁଧାନ କରି ନଦୀର ପୁନରୁଦ୍ଧାର କରିବା ପାଇଁ ଚେଷ୍ଟା କରାଯିବ।

**– ସୁରେଶ କୁମାର ସାହୁ, ସହକାରୀ ଯନ୍ତ୍ରୀ**

# ବିଭିନ୍ନ ସ୍ଥାନରେ କ୍ଷୟକ୍ଷତି ଅନୁଧ୍ୟାନ କଲେ କେନ୍ଦ୍ରୀୟ ଟିମ୍

**ଆସିକା,୧।୧୧(ଡି.ଏନ୍.ଏ.)**

ତିତଲି ବାତ୍ୟା ଓ ବନ୍ୟା ପ୍ରଭାବରେ ଆସିକା ବ୍ଲକ ଓ ଏନଏସି ଇଲାକାରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଗୁରୁବାର କେନ୍ଦ୍ର ସରକାରଙ୍କ ଏକ ପ୍ରତିନିଧି ଦଳ ଆସିକା ଗସ୍ତରେ ଆସି କ୍ଷୟକ୍ଷତି ଅନୁଧ୍ୟାନ କରଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦ୍ର ସରକାରଙ୍କୁ କ୍ଷୟକ୍ଷତି ସମ୍ପର୍କରେ ଦିଆଯାଇଥିବା ରିପୋର୍ଟ ପ୍ରକାରେ ବାସ୍ତବ ସ୍ଥିତି ଅନୁଧ୍ୟାନ କରିବା ଲାଗି ଆସିଥିବା ପ୍ରତିନିଧି ଦଳର ମୁଖ୍ୟ କେନ୍ଦ୍ର କୃଷି ବିଭାଗର ଉପନିର୍ଦ୍ଦେଶକ ଡ. ବିରେନ୍ଦ୍ର ସିଂ ସୂଚନା ଦେଇଛନ୍ତି। ପ୍ରତିନିଧି ଦଳ ବିଭିନ୍ନ ଅଞ୍ଚଳ ଗସ୍ତ କରି କ୍ଷୟକ୍ଷତି ସମ୍ପର୍କିତ ରିପୋର୍ଟ କେନ୍ଦ୍ର ସରକାରଙ୍କ ନିକଟରେ ଉପସ୍ଥାପିତ କରିବେ ବୋଲି କୁହାଯାଇଛି। କେନ୍ଦ୍ରୀୟ ଟିମ୍ ଆସିକାରେ ପହଞ୍ଚିବା ପୂର୍ବରୁ କାଳକ୍ଷଣ୍ଡପୁରଠାରେ କ୍ଷତିଗ୍ରସ୍ତ ଚାଷ ଜମି ଦେଖିଥିଲେ। ଆସିକା ଏନଏସିର ବସଷ୍ଟାଣ୍ଡ ଦଳିତ ବସ୍ତି ଓ କ୍ଷତିଗ୍ରସ୍ତ ଲକ୍ଷ୍ମୀ ବଜାର ପରିଦର୍ଶନ କରିଥିଲେ। ପରେ ବ୍ଲକର କର୍ପୂର ନୂଆଗାଁ, କାଳି ନୂଆପଲ୍ଲୀ, ଦେବଭୂମୀ, ନବରତ୍ନପୁର, ମାଗୁରାପଲ୍ଲୀ, କିଶୋରଚନ୍ଦ୍ରପଲ୍ଲୀ ଆଦି ଗ୍ରାମାଞ୍ଚଳ ଗସ୍ତ କରି ନଷ୍ଟ ହୋଇଥିବା ଧାନ ଓ ଆଖୁ ଫସଲ, ବାଲିଚର ହୋଇଥିବା ଚାଷଜମି ଓ ଧୋଇ ଯାଇଥିବା ଗ୍ରାମ୍ୟ ରାସ୍ତା ବୁଲି ଦେଖିଥିଲେ। ଆସିକା ଚିନିଶିଳ୍ପ ଅତିଥି ଭବନରେ ପ୍ରତିନିଧି ଦଳ ବ୍ଲକର କୃଷି, ଜଳସେଚନ, ପ୍ରାଣୀଧନ, ବିଦ୍ୟୁତ, ପୂର୍ତ୍ତ, ଗ୍ରାମ୍ୟ ଜଳଯୋଗାଣ, ଜଳ ସମ୍ପଦ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକାରୀମାନଙ୍କ ସହ କ୍ଷୟକ୍ଷତି ସମ୍ପର୍କରେ ଆଲୋଚନା କରିଥିଲେ। କେନ୍ଦ୍ରୀୟ ପ୍ରତିନିଧି ଦଳ ଗସ୍ତ ବେଳେ ଅତିରିକ୍ତ ଜିଲାପାଳ ବିଜୟ କୁମାର ଦାସ, ଆସିକା ଚିନିଶିଳ୍ପର ପରିଚାଳନା ନିର୍ଦ୍ଦେଶକ ଲକ୍ଷ୍ମୀ ନାରାୟଣ ବେହେରା, ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର କୁମାର ମଞ୍ଜି, ଆସିକା ବିଡିଓ ଗାୟତ୍ରୀଦତ୍ତ ନାୟକ, ତହସିଲଦାର ସୁବାସ ଚନ୍ଦ୍ର ସେଠିଆ, ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ଅମୀୟ ରଞ୍ଜନ ଦାଶ, ଜିଲା କୃଷି ଅଧିକାରୀ ଅର୍ଜୁନ ବିଷୋୟୀ, ବ୍ଲକ କୃଷି ଅଧିକାରୀ ଦୀପକ କୁମାର ନାୟକଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ବୁରାତାଲରେ ଆଦିବାସୀଙ୍କ ସମସ୍ୟା ବୁଝିଲେ

**ପାତ୍ରପୁର,୧।୧୧(ଡି.ଏନ୍.ଏ.)**

ତିତଲି ବାତ୍ୟାରେ ପାତ୍ରପୁର ବ୍ଲକ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଆଦିବାସୀମାନେ ବେସାହାରା ହୋଇଛନ୍ତି। ଏନେଇ କେନ୍ଦ୍ରରୁ ଆସିଥିବା ୭ଜଣିଆ ଟିମ୍ ମଧ୍ୟରୁ ପାତ୍ରପୁର ବ୍ଲକକୁ ଜିଲାପାଳ ବିଜୟ ଅମୃତ କୁଲାଙ୍ଗେଙ୍କ ସହାୟତାରେ ଗୁରୁବାର କେନ୍ଦ୍ରରୁ ଆସିଥିବା ଏସ୍ କେ ସାହି, ରାକେଶ କୁମାର, ଆର ବି କୌଲ, ଶୁକାନ୍ତ କୁମାର ସାମଲ, ବୁରାତାଲ ଓ ତୁମ୍ବା ପଞ୍ଚାୟତର ଗୁଜିଲିଙ୍ଗି, ଅଣ୍ଡଅଣ୍ଡା ଗ୍ରାମକୁ ଯାଇଥିଲେ। ପରେ ପାହାଡ଼ ଉପରୁ ଡକା ଯାଇଥିବା କିଛି ଆଦିବାସୀଙ୍କୁ ନେଇ ବୁରାତାଲଠାରେ ଗ୍ରାମସଭା ବୈଠକ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ରିୟ ଟିମ୍ ଆଦିବାସୀଙ୍କୁ ବିଭିନ୍ନ ସହାୟତା ଉପରେ ପଚାରିଥିଲେ। ପାହାଡ଼ ଉପରେ ଆଦିବାସୀ ମାନେ ବାତ୍ୟା ପରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି, ସେମାନଙ୍କ ପାଇଁ ସ୍ଥାୟୀ ବନ୍ଦୋବସ୍ତ କରାଯାଉ ବୋଲି ସେମାନେ ଟିମ୍ ଆଗରେ ପ୍ରକାଶ କରିଥିଲେ। ଅପରାହ୍ନରେ ବିଭିନ୍ନ ବିଭାଗର ଅଧିକାରୀଙ୍କ ସହ ତୁମ୍ବାର ଟିଡ଼ିଏ କାର୍ଯ୍ୟାଳୟଠାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହେଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ଦିଗନ୍ତ ରାଉତରାୟ, ପିଡ଼ି ସିଦ୍ଧାନ୍ତ ଶେଖର ସ୍ୱାଇଁ, ବିଡିଓ ସଞ୍ଜୀବ ରାଜ ସେନାପତିଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ଭାଜପାର ବେଲଗୁଣ୍ଠା ବ୍ଲକ ଘେରାଉ

**ଭଞ୍ଜନଗର,୧।୧୧(ଡି.ଏନ.ଏ.)**

ବିଜେଡ଼ି ଶାସନ ସମୟରେ ରାଜ୍ୟରେ ପିସି କାରବାର ବଢ଼ିଯାଇଛି। ଶାସକଦଳର ନେତା ଓ କର୍ମୀମାନେ ଦୁର୍ନୀତିରେ ଲିପ୍ତ ରହୁଛନ୍ତି। ଏହାର ପ୍ରତିବାଦରେ ବେଲଗୁଣ୍ଠା ବ୍ଲକ ଭାଜପା ପକ୍ଷରୁ ଗୁରୁବାର ବ୍ଲକ ଘେରାଉ କରାଯାଇଥିଲା। ଭାଜପା କର୍ମୀମାନେ ଏକ ଶୋଭାଯାତ୍ରାରେ ବସ୍‌ଷ୍ଟାଣ୍ଡ ଛକରୁ ବାହାରି ନଗର ପରିକ୍ରମା କରିବା ପରେ ବିଡ଼ିଓଙ୍କୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ବ୍ଲକ ସମ୍ମୁଖରେ ଏକ ସାଧାରଣ ସଭା ହୋଇଥିଲା। ଏଥିରେ ଭାଜପା ରାଜ୍ୟ ପ୍ରଭାରୀ ଗୋଲକ ମହାପାତ୍ର, ମହେଶ ମହାନ୍ତି, ଘୁମୁସର ଜିଲା ସଭାପତି ସୂର୍ଯ୍ୟ





ଭାଜପା ନେତା ଓ କର୍ମୀମାନେ ଶୋଭାଯାତ୍ରାରେ ଯାଉଛନ୍ତି।

ନାରାୟଣ ଦାସ, ଜୟନ୍ତୀ ପଡ଼ିଆରୀ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଭଗବାନ ପଣ୍ଡା, ସନ୍ତୋଷ ଦାସ, ସୋରଡ଼ା ନିର୍ବାଚନମଣ୍ଡଳୀ ସଂଯୋଜକ ବଟକୃଷ୍ଣ ପଣ୍ଡା, ଉପ ସଭାପତି ସୁଧାକର ରାଉତ ପ୍ରମୁଖ ଯୋଗଦେଇ ବିଜେଡ଼ି ଶାସନ ସମୟରେ ବେଲଗୁଣ୍ଠା ବ୍ଲକରେ ଚାଲିଥିବା ଅରାଜକତା ଓ ଦୁର୍ନୀତି ବିରୋଧରେ କହିଥିଲେ।

# ଶିକ୍ଷୟିତ୍ରୀଙ୍କ ମାଡ଼ରେ ୮ ଛାତ୍ରୀଛାତ୍ର ଆହତ

**କ.ନୂଆଗାଁ, ୧।୧୧**

କନ୍ଧମାଳ ଜିଲା କ.ନୂଆଗାଁ ବ୍ଲକର ପୁରୁଣା ନୂଆଗାଁ ପ୍ରାଥମିକ ବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀଙ୍କ ମାଡ଼ରେ ୮ ଛାତ୍ରୀଛାତ୍ର ଆହତ ହୋଇଛନ୍ତି। ସେମାନେ ହେଲେ ପ୍ରଥମଶ୍ରେଣୀର ଆଶିଷ ବେହେରା, କରୁଣାର ବିଷୋୟୀ, ତ୍ରିଶାନ୍ତ ବେହେରା, ଆର୍ନବ ବିଶିମାଝି, ପ୍ରତିମିତା ମହାଲ୍ଲୁଡ଼, ସୌରଭ ବିଶିମାଝି, ୩ୟ ଶ୍ରେଣୀର ମୁକେଶ ସାହୁ ଓ କଲ୍ୟାଣୀ ପୂଜାରୀ। ବୁଧବାର ଶ୍ରେଣୀ ଗୃହରେ ପିଲାମାନେ ପାଟି କରୁଥିବାରୁ ଶିକ୍ଷୟିତ୍ରୀ ସେମାନଙ୍କୁ ବାଡିରେ ପିଟିଥିବା ଅଭିଯୋଗ ହୋଇଛି। ଏ ନେଇ ଅଭିଭାବକମାନେ ବିଡିଓ ଓ ବିଇଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ବିଇଓଙ୍କ ଅନୁପସ୍ଥିତିରେ ଏବିଇଓ ନାଗେଶ୍ୱର ପ୍ରଧାନ ଅଭିଯୋଗ ପାଇ ବିଦ୍ୟାଳୟକୁ ଯାଇ ତଦନ୍ତ କରିଛନ୍ତି। ଏନେଇ ଏବିଇଓ ପ୍ରଧାନଙ୍କୁ ପଚାରିବାରୁ, ତଦନ୍ତ ସରିଛି, ଉପରିସ୍ଥ ଅଧିକାରୀଙ୍କୁ ରିପୋର୍ଟ ଦେବି ବୋଲି କହିଥିଲେ।

# ବିଦ୍ୟାଳୟରୁ ଚୋରି ଅଭିଯୋଗ

**ଜଗନ୍ନାଥପ୍ରସାଦ,୧।୧୧**

ଜଗନ୍ନାଥପ୍ରସାଦ ବ୍ଲକ ଡୁଙ୍ଗାପଲ୍ଲୀସ୍ଥିତ ପ୍ରାଥମିକ ବିଦ୍ୟାଳୟ ଅଫିସ ଗୃହ ତାଲାଭାଙ୍ଗି କୌଣସି ଦୁର୍ବୃତ୍ତ ପାଣି ମୋଟର ଚୋରିକରି ନେଇଛନ୍ତି। ଗୁରୁବାର ବିଦ୍ୟାଳୟ ଖୋଲିବା ପରେ ପ୍ରଧାନ ଶିକ୍ଷୟିତ୍ରୀ ରଞ୍ଜିତା କୁମାରୀ ପତି ଏହା ଦେଖି ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଭଞ୍ଜ ଗୌଡ଼ ଓ ଗାଁ ମୁଖିଆ ବିଦ୍ୟାଧର ବାରିକ ଓ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଜଣାଇଥିଲେ । ପରେ ଚୋରିସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀ ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ କରିଥିଲେ ।

# ବିଦାୟକାଳୀନ ସମ୍ବର୍ଦ୍ଧନା

**ଦାରିଙ୍ଗବାଡ଼ି ,୧।୧୧ (ଡି.ଏନ୍.ଏ.)**

ଦାରିଙ୍ଗବାଡ଼ି ବ୍ଲକ ତିଲୋରୀ ପଞ୍ଚାୟତ ସାମନବାଡ଼ି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନାରାୟଣ ପରିଡ଼ା ବୁଧବାର କାର୍ଯ୍ୟରୁ ଅବସର ଗ୍ରହଣ କରିଛନ୍ତି। ତାଙ୍କୁ ଦାରିଙ୍ଗବାଡ଼ି ଶିକ୍ଷକ କଲ୍ୟାଣ ମହାସଂଘ ପକ୍ଷରୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ମହାସଂଘର ସାଧାରଣ ସମ୍ପାଦକ ବିଦେଶୀ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏବିଇଓ ତଥା ବିଆରସିସି ସୁବାସିନୀ ଦିଗାଳ ଯୋଗ ଦେଇଥିଲେ । ସରପଞ୍ଚ ବିଷ୍ଣୁ ଚରଣ ପ୍ରଧାନ, ସମିତିସଭ୍ୟ ଇନ୍ଦ୍ରଜିତ ପ୍ରଧାନ, ନାଏବ ସରପଞ୍ଚ ଉର୍ବଶୀ କହଁର, ମହାସଂଘର ସଭାପତି ଯାମିନୀକାନ୍ତ ପତ୍ରା,ରାପଡ଼ାବାଡ଼ି ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସାରାବତୀ ପ୍ରଧାନ, ମହାସଂଘର ଉପସଭାପତି ସଞ୍ଜୀବ ସିଂ, ସହ ସମ୍ପାଦକ ବିଦୁଭୂଷଣ ନାୟକ, ସିଆରସିସି ଦାମୋଦର ସାହୁ ପ୍ରମୁଖ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପରିଡ଼ାଙ୍କ କାର୍ଯ୍ୟ ସମ୍ପର୍କରେ କହିଥିଲେ । ଏହି ଅବସରରେ ପରିଡ଼ାଙ୍କୁ ମହାସଂଘ ପକ୍ଷରୁ ଅଙ୍ଗବସ୍ତ୍ର, ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅତିଥି ଭବନରେ କେନ୍ଦ୍ରୀୟ ଟିମ୍

**ଗୋପାଳପୁର,୧।୧୧**

ତିତ୍‌ଲି ପ୍ରଭାବରେ କ୍ଷୟକ୍ଷତି ଆକଳନ ପାଇଁ ୭ ଜଣିଆ କେନ୍ଦ୍ରୀୟ ଟିମ୍ ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିପ୍‌ରେ ଗୁରୁବାର ମଧ୍ୟାହ୍ନ ୧୨ଟାରେ ହେଲିକପ୍ଟର ଯୋଗେ ଆସି କେନ୍ଦ୍ରୀୟ ଗୃହ ଯୁଗ୍ମ ସଚିବ ଏସ.କେ. ସାହିଲଙ୍କ ସମେତ ୭ ଜଣିଆ ଟିମ୍ ଓହ୍ଲାଇଥିଲେ। ଏହି ସମୟରେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ପୁଷ୍ପଗୁଚ୍ଛ ଦେଇ ଟିମ୍‌କୁ ସ୍ୱାଗତ କରିଥିଲେ। ଏଥିସହ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅତିଥି ଭବନରେ ତିତ୍‌ଲି କ୍ଷୟକ୍ଷତି ସମ୍ପର୍କରେ ଆଲୋଚନା ହୋଇଥିଲା। ଏନେଇ ଜିଲାପାଳଙ୍କୁ ପଚାରିବାରେ କୃଷି, ଗଣଶିକ୍ଷା, ରାସ୍ତା ଓ କୋଠାବାଡ଼ି, ପୂର୍ତ୍ତ ବିଭାଗ ଓ ଅନ୍ୟ ବିଭାଗର କ୍ଷୟକ୍ଷତି ଆକଳନ କରାଯାଇ ରାଜ୍ୟ ସରକାରଙ୍କୁ ରିପୋର୍ଟ ଦିଆଯିବା ସହ ଏହି କେନ୍ଦ୍ରୀୟ ଟିମ୍‌କୁ ମଧ ଉକ୍ତ କ୍ଷୟକ୍ଷତି ଓ ଆର୍ଥିକ ରିପୋର୍ଟ ପ୍ରଦାନ କରାଯିବ ବୋଲି କହିଥିଲେ । ବାତ୍ୟାରେ ଲୋକଙ୍କୁ କିଭଳି ସେବା ଯୋଗାଇ ଦିଆଯାଇଥିଲା ତା'ର ରିପୋର୍ଟ ମଧ ପ୍ରଦାନ କରାଯିବ ବୋଲି ସେ କହିଥିଲେ । କେନ୍ଦ୍ରୀୟ ଟିମ୍ ସହ ଅତିରିକ୍ତ ଜିଲାପାଳ ବିଜୟ ଦାଶ, ଡୁଡ଼ା ପ୍ରକଳ୍ପ ନିର୍ଦ୍ଦେଶକ ସବ୍ୟସାଚୀ ହୋତା, ରଙ୍ଗେଇଲୁଣ୍ଡା ବିଡିଓ କୁମାର ନାଗଭୂଷଣ, ଅତିରିକ୍ତ ତହସିଲଦାର ରମେଶ ବେହେରା, ଗୋପାଳପୁର ଥାନାଧିକାରୀ ସୁଶାନ୍ତ କୁମାର ସାହୁ ଓ ଅନ୍ୟ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।



ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅତିଥି ଭବନରେ ଜିଲାପାଳଙ୍କ ସହ କେନ୍ଦ୍ରୀୟ ଟିମର ଆଲୋଚନା।

# ଜାତୀୟ ଏକତା ଦିବସ

**ଦାରିଙ୍ଗବାଡ଼ି,୧।୧୧(ଡି.ଏନ.ଏ.)**

ଦାରିଙ୍ଗବାଡ଼ି ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ବୁଧବାର ଜାତୀୟ ଏକତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଭାରପ୍ରାପ୍ତ ଉପାଧ୍ୟକ୍ଷ ଶିବ ସେଠୀଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଅଖଣ୍ଡ ଭାରତ ଗଠନ କରିବା ସହ ୫୬୦ରୁ ଉର୍ଦ୍ଧ୍ୱ ଗଡ଼ଜାତ ଅଞ୍ଚଳକୁ ଭାରତ ସହ ମିଶାଇବାରେ ଅତୁଳନୀୟ ଅବଦାନ ସମ୍ପର୍କରେ ଉପସ୍ଥିତ ଶିକ୍ଷୟିତ୍ରୀଶିକ୍ଷକମାନେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ଅଖଣ୍ଡତା ବଜାୟ ରଖିବାକୁ ଶପଥ ପାଠ ସହ ଏକତା ବଜାୟ ରଖିବା ପାଇଁ କୁହାଯାଇଥିଲା । କାର୍ଯ୍ୟକ୍ରମରେ ଅନ୍ୟ ଶିକ୍ଷୟିତ୍ରୀଶିକ୍ଷକଙ୍କ ମଧରେ ଖେଳ ଶିକ୍ଷକ ଶରତ କୁମାର ସାହୁ, ସରୋଜ ନାୟକ, ପ୍ରଦୀପ ଦାସ, ମଧୁସ୍ମିତା ଦାସ, ସୁଧା ଝାଙ୍କର, ବବିତା ରାଣୀ ସେଠୀ, କ୍ଷୀରାବ୍ଧି ବେହେରା, ସୁଧାଂଶୁ କୁମାର ଭୋଇ ଓ ମଞ୍ଜୁଲତା ଷଣ୍ଢ ପ୍ରମୁଖ ଉପସ୍ଥିତ ଥିଲେ ।



ଜାତୀୟ ଏକତା ଦିବସ ଅବସରରେ ଛାତ୍ରୀଛାତ୍ର, ଶିକ୍ଷକ ଶପଥ ପାଠ କରୁଛନ୍ତି ।

# ଦିଗପହଣ୍ଡିରେ ଭାଜପା ପକ୍ଷରୁ ବ୍ଲକ ଘେରାଉ

**ଦିଗପହଣ୍ଡି,୧।୧୧(ଡି.ଏନ.ଏ.)**

ରାଜ୍ୟ ସରକାରଙ୍କ ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୋଧରେ ଗୁରୁବାର ଭାଜପା ପକ୍ଷରୁ ଦିଗପହଣ୍ଡିରେ ସଭା ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଭାଜପା କାର୍ଯ୍ୟାଳୟରୁ ନେତା ଓ କର୍ମୀ ଶୋଭାଯାତ୍ରାରେ ସହର ପରିକ୍ରମା କରିବା ପରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଆୟୋଜିତ ପ୍ରତିବାଦ ସଭାରେ ଭାଜପା ଗଞ୍ଜାମ ଜିଲା ଉପସଭାପତି ଶୁଭେନ୍ଦୁ ପାଢ଼ୀ ଅଧ୍ୟକ୍ଷତା କରିଥିଲେ। ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା ସମ୍ପାଦକ ଶ୍ରୀରଞ୍ଜନ ମଙ୍ଗରାଜ, ଜିଲା ସଭାପତି କାହ୍ନୁଚରଣ ପତି, ଜିଲା ଯୁବମୋର୍ଚ୍ଚା ସଭାପତି ସିଦ୍ଧାନ୍ତ ଗଙ୍ଗଦେବ, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ବନଜା ପଣ୍ଡା, ଦିଗପହଣ୍ଡି ବିଧାୟକ ପ୍ରାର୍ଥୀ ଇଂ. ଉତ୍ତମ କୁମାର ପାଣିଗ୍ରାହୀ, ମହନ୍ତ ଚିନ୍ମୟାନନ୍ଦ



ବିକ୍ଷୋଭରେ ସାମିଲ ଦଳୀୟ କର୍ମୀ।

ମହାରାଜ, ଶ୍ରୀକାନ୍ତ ପାଢ଼ୀ, ପରେଶ ଚନ୍ଦ୍ର ରଥ, ଜିଲା ଯୁବମୋର୍ଚ୍ଚା ସମ୍ପାଦକ ବାପି ପ୍ରଧାନ, ଭାଜପା ରାଜ୍ୟ ପରିଷଦ ସଦସ୍ୟ ମନୋଜ ପଣ୍ଡା, ସୂର୍ଯ୍ୟ ନାରାୟଣ ସାହୁ, ସନ୍ତୋଷ ସାହୁ, ଭବାନୀ ପଣ୍ଡା, ଶୁଭ୍ରାଂଶୁ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦିଗପହଣ୍ଡି ବ୍ଲକ ଭାରପ୍ରାପ୍ତ ବିଡିଓ ପୀତାମ୍ବର ବେହେରାଙ୍କୁ ୧୦ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।

ଉଲ୍ଲେଖଯୋଗ୍ୟ, ଦିଗପହଣ୍ଡି ଭାଜପାରେ ତୀବ୍ର ଗୋଷ୍ଠୀ କନ୍ଦଳ ଚାଲିଥିଲେ ମଧ ବିଧାୟକ ପ୍ରାର୍ଥୀ ଇଂ. ଉତ୍ତମ କୁମାର ପାଣିଗ୍ରାହୀ ତାଙ୍କର ୨ହଜାରରୁ ଉର୍ଦ୍ଧ୍ୱ ସମର୍ଥକଙ୍କ ସହ ସଭାସ୍ଥଳରେ ପହଞ୍ଚିଥିଲେ। ଭାଜପା ଦିଗପହଣ୍ଡି ପ୍ରଭାରୀ ପ୍ରଭାତ କିରଣ ଷଡ଼ଙ୍ଗୀ, ପଛୁଆବର୍ଗ ମୋର୍ଚ୍ଚା ଜିଲା ସଭାପତି ମଦନ ପାତ୍ର, ସୁନୀଲ ସାହୁ, ପ୍ରବୀର ପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଶାନ୍ତି ଶୃଙ୍ଖଳା ଭଙ୍ଗ ଆଶଙ୍କାରେ କାର୍ଯ୍ୟ ନିର୍ବାହୀ ମାଜିଷ୍ଟ୍ରେଟ ତଥା ଦିଗପହଣ୍ଡି ଅତିରିକ୍ତ ତହସିଲଦର ମନୋଜ ପ୍ରଭାକର କୁଜୁର, ପୋଲିସ ମୁଖ୍ୟାଳୟ ଡିଏସପି କୃଷ୍ଣ ପ୍ରସାଦ ଦାସ, ଇନ୍ସପେକ୍ଟର ଦେବାଶିଷ ମହାନ୍ତି, ଶୁଭଶ୍ରୀ ପଣ୍ଡାଙ୍କ ନେତୃତ୍ୱରେ ବ୍ୟାପକ ଫୋର୍ସ ମୁତୟନ ଥିଲେ।

## ସଂକ୍ଷେପରେ

### ବିଜେଡିରେ ମିଶିଲେ ଭାଜପା ସମର୍ଥିତ ସରପଞ୍ଚ

କୁକୁଡ଼ାଖଣ୍ଡି,୧।୧୧(ଡି.ଏନ.ଏ.)-କୁକୁଡ଼ାଖଣ୍ଡି ବ୍ଳକ ହୁଗୁଲାପଟା ପଞ୍ଚାୟତର ଭାଜପା ସମର୍ଥିତ ସରପଞ୍ଚ ଗୁରୁବାର ବିଜେଡିରେ ସାମିଲ ହୋଇଛନ୍ତି । ଗଞ୍ଜାମ ଜିଲା ବିଜେଡି ସଭାପତି ତଥା ଗୋପାଳପୁର ବିଧାୟକ ଡ଼. ପ୍ରଦୀପ କୁମାର ପାଣିଗ୍ରାହୀ ଏକ ସଭାରେ ସେମାନଙ୍କୁ ସ୍ୱାଗତ କରିଥିଲେ। ବିଧାୟକ ପାଣିଗ୍ରାହୀ ନିମଖଣ୍ଡି, ଗୁରୁଣ୍ଡି, ବୋରିଗାଁ ପଞ୍ଚାୟତରେ ବାତ୍ୟା କ୍ଷତିପୂରଣ ଚେକ୍ ବଣ୍ଟନ କରିଥିଲେ । ଶେଷରେ ହୁଗୁଲାପଟାରେ ଜନସମ୍ପର୍କ ପଦଯାତ୍ରା କରିବା ସହ ନୃସିଂହ ମନ୍ଦିର ପ୍ରାଙ୍ଗଣରେ ଏକ ସଭା ଆୟୋଜନ କରିଥିଲେ। ଉକ୍ତ ସଭାରେ ସରପଞ୍ଚ ପ୍ରଦୀପ ମଲାଣ ନିଜ ସମର୍ଥକମାନଙ୍କୁ ନେଇ ବିଜେଡିରେ ମିଶିଛନ୍ତି । ବ୍ଳକ ଅଧକ୍ଷ କାମାକ୍ଷା ପ୍ରସାଦ ପାତ୍ର, ଉପାଧକ୍ଷା ଲକ୍ଷ୍ମୀପ୍ରିୟା ସାହୁ, ବିଧାୟକ ପ୍ରତିନିଧି ଦିଲୀପ ପାତ୍ର, ରାଜ୍ୟ ଯୁବ ବିଜେଡି ଉପଦେଷ୍ଟା କୈଳାସ ରଣା ପ୍ରମୁଖ ଉପସ୍ଥିତ ଥିଲେ ।

### ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ଆସିକା,୧।୧୧(ଡି.ଏନ୍.ଏ.): କେନ୍ଦୁପଦରସ୍ଥିତ ପ୍ରଗତି ବିଦ୍ୟାପୀଠ ପରିସରରେ ଗୁରୁବାର ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷାଧିକାରୀ କୃତ୍ତିବାସ ବାରିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାକୁ ବ୍ଲକ ଅଧକ୍ଷ ହରେକୃଷ୍ଣ ମଳିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ମଧୁସ୍ମିତା ପାଢୀ, ଏବିଇଓ ଦୀପକ ମହନ୍ତ, ସିଆରସିସି ବିଚିତ୍ର ବିହାରୀ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉଦଯାପନୀ ସମାରୋହରେ କ୍ରୀଡାବିତ ଦିଲୀପ ପାଣିଗ୍ରାହୀ ଓ ତାରିଣୀ ସେନାପତି ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ । ପ୍ରତିଯୋଗିତାରେ ବ୍ଲକ ଅନ୍ତର୍ଗତ ୬୦ ବିଦ୍ୟାଳୟରୁ ଷଷ୍ଠଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୧୧୫ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରେ ବିଭିନ୍ନ କ୍ରୀଡ଼ା ଓ ଯୋଗ ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ଜିଲାସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ କରାଯାଇଛି।

### ଅଶ୍ଳୀଳ ଭିଡିଓ ଭାଇରାଲ ଅଭିଯୋଗ, ଯୁବକ ଗିରଫ

ହିଞ୍ଜିଳିକାଟୁ,୧।୧୧(ଡ଼ି.ଏନ୍.ଏ)- ହିଞ୍ଜିଳି ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ଅଶ୍ଳୀଳ ଭିଡ଼ିଓକୁ ଭାଇରାଲ କରିବା ଅଭିଯୋଗରେ ପୋଲିସ ଗୁରୁବାର ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଶେରଗଡ଼ ଥାନା ସୁନାଥର ଗ୍ରାମର ସୁନିଲ ଦାସ। ଅଗଷ୍ଟ ମାସରେ ସୁନିଲ ଯୁବତୀଙ୍କୁ ପ୍ରଲୋଭିତ କରି ତାଙ୍କ ଇଚ୍ଛା ବିରୋଧରେ ବଳାତ୍କାର କରିଥିଲେ। ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ କରି ସୁନିଲ ସୋସିଆଲ ମିଡ଼ିଆରେ ଭାଇରାଲ କରିଥିଲେ। ଯୁବତୀଙ୍କ ପରିବାର ଲୋକେ ଏହା ଜାଣିବା ପରେ ଗୁରୁବାର ହିଞ୍ଜିଳି ଥାନାରେ ଏତଲା ଦେଇଥିଲେ। ଏ ନେଇ ନଂ.୨୮୮/୧୮ ରେ ମାମଲା ରୁଜୁ କରାଯାଇଛି। ଯୁବତୀଙ୍କ ଡାକ୍ତରୀ ମାଇନା କରାଯିବା ସହ ଅଭିଯୁକ୍ତ ସୁନିଲଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି।

### ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା

କ.ନୂଆଗାଁ,୧।୧୧(ଡି.ଏନ୍.ଏ.)- କ.ନୂଆଗାଁ ବ୍ଲକ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଓ ସଭା ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟର ଖେଳପଡ଼ିଆରେ ବ୍ଲକ ସଭାପତି ବଳରାମ ପାଣିଗ୍ରାହୀଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ପ୍ରତିନିଧି ରବୀନ୍ଦ୍ର ମଲିକ, ବିଦେଶ ସିଂ ପ୍ରଧାନ, ନାରୀ ନେତ୍ରୀ ଶାନ୍ତିଲତା ସାହୁ ପ୍ରମୁଖ ସାମିଲ ଥିଲେ। ସ୍କୁଲ ପଡିଆରେ ଦଳୀୟ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରଧାନ ଶିକ୍ଷକ ସୁରେଶ କୁମାର ପଲେଇଙ୍କୁ ଏବଂ ଡିଡବ୍ଲୁଓ ଚାରୁଲତା ନାୟକଙ୍କୁ ପଚାରିବାରୁ ସେ କହିଥିଲେ ମୋତେ କେହି ଏ କାର୍ଯ୍ୟ କରିବାକୁ ଅନୁମତି ମାଗି ନାହାଁନ୍ତି, ମୁଁ କାହାକୁ ଅନୁମତି ଦେଇନାହିଁ। ଏହି ପଦଯାତ୍ରାରେ ଜିଲାସ୍ତରୀୟ କୌଣସି ନେତା, ସ୍ଥାନୀୟ ବିଧାୟକ, ପର୍ଯ୍ୟବେକ୍ଷକଙ୍କୁ ଦେଖିବାକୁ ମିଳିନଥିଲା।

### ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମଦିବସ ପାଳିତ

ଚିକିଟି,୧।୧୧(ଡି.ଏନ.ଏ.)-ଚିକିଟି ବ୍ଳକ ନୂଆପଡା ଗ୍ରାମ ସ୍ଥିତ ଶ୍ରୀ ବାଲାଜି ମହାବିଦ୍ୟାଳୟ ପରିସରରେ ବୁଧବାର ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୪୩ ତମ ଜନ୍ମଦିବସ ପାଳିତ ହୋଇଯାଇଛି । ଏଥିରେ ସମାଜସେବୀ ଶଙ୍କର ପ୍ରଧାନ ଯୋଗଦେଇ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟ ର୍ପଣ କରି ପଟେଲଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ । ଏଥିରେ ମହାବିଦ୍ୟାଳୟର ସମସ୍ତ ଅଧାପିକା ଓ ଅଧାପକ, ଛାତ୍ରୀଛାତ୍ର ଏବଂ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଯୋଗ ଦେଇଥିଲେ ।

■ଶ୍ରେଣୀଗୃହରେ ଇଟା ତିଆରି ପ୍ରସଙ୍ଗ

# ତଦନ୍ତ କଲେ ଏଡିଇଓ, ତହସିଲଦାର

## ଇଟା ଗାଏବ, ଗ୍ରାମବାସୀଙ୍କ ବୟାନ ରେକର୍ଡ



ପ୍ରଶାସନିକ ଅଧିକାରୀମାନେ ତଦନ୍ତ କରୁଛନ୍ତି ।

ଗଞ୍ଜାମ,୧।୧୧(ଡି.ଏନ.ଏ.)

ଗଞ୍ଜାମ ବ୍ଲକ ପାଲିବନ୍ଧ ପଞ୍ଚାୟତ ସୂର୍ଯ୍ୟନାରାୟଣପୁର ପ୍ରାଥମିକ ବିଦ୍ୟାଳୟ ଶ୍ରେଣୀଗୃହରେ ୧୫ ଦିନରୁ ଉର୍ଦ୍ଧ୍ୱ ହେବ ସିମେଣ୍ଟ ଇଟା ତିଆରି ହେଉଥିଲା । ଏ ନେଇ ଗ୍ରାମବାସୀ ଜିଲାପାଳ, ଜିଲା ଶିକ୍ଷାଧିକାରୀ (ଡିଇଓ)ଙ୍କୁ ଲିଖିତ ଅଭିଯୋଗ କରିଥିଲେ । ଏ ସମ୍ପର୍କିତ ଖବର ପ୍ରକାଶ ପାଇବା ପରେ ତଦନ୍ତ ପାଇଁ ପ୍ରଶାସନ ଓ ଜିଲା ଶିକ୍ଷା ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି । ଗୁରୁବାର ପୃଥକ ଭାବେ ଡିଇଓଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ (ଏଡିଇଓ) ଏବଂ ଉପଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ତହସିଲଦାର ଅବନୀ କୁମାର ସାହୁ ଉକ୍ତ ସ୍କୁଲକୁ ଯାଇ ତଦନ୍ତ କରିବା ସହ ଗ୍ରାମବାସୀଙ୍କୁ ଏ ସମ୍ପର୍କରେ ପଚରାଉଚରା କରିଛନ୍ତି । ତହସିଲଦାର ଶ୍ରେଣୀଗୃହ ତାଲା ଖୋଲିଲା ବେଳକୁ ଇଟା ନ ଥିବା ଦେଖାଯାଇଥିଲା। ମଙ୍ଗଳବାର ରାଜସ୍ୱ ନିରୀକ୍ଷକ ଆର. ରାଜୁ ତଦନ୍ତ କରିବାକୁ ଆସିଥିବା ବେଳେ ବନ୍ଦ ଥିବା ଶ୍ରେଣୀଗୃହରେ ଇଟା ତିଆରି ସାମଗ୍ରୀ ଏବଂ ସିମେଣ୍ଟ ଥିବା ଦେଖାଯାଇଥିଲା । ବୁଧବାର ଟ୍ରାକ୍ଟର ଦ୍ୱାରା ଇଟାଗୁଡିକୁ ଅନ୍ୟତ୍ର ନିଆଯାଇଥିବା ତଦନ୍ତ ବେଳେ ଜଣାପଡିଛି । ତଦନ୍ତ ବେଳେ ଏଟିଓ ସନାତନ ମହାଲିକ, ଆରଆଇ ରାଜୁ ରେଡ୍ଡୀ, ଏବିଇଓ ତ୍ରିଲୋଚନ ତ୍ରିପାଠୀ, ସହକାରୀ ଯନ୍ତ୍ରୀ ଟି. ଲୋକେଶ, କନିଷ୍ଠ ଯନ୍ତ୍ରୀ ମଧୁସ୍ମିତା ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ । ଏ ସମ୍ପର୍କରେ ତହସିଲଦାର ସାହୁ କହିଛନ୍ତି ତଦନ୍ତ ଜାରି ରହିଛି, ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଜିଲା ଅତିରିକ୍ତ ଶିକ୍ଷାଧିକାରୀ କହିଛନ୍ତି, ତଦନ୍ତ ରିପୋର୍ଟ ଡିଇଓଙ୍କୁ ଦେବା ପରେ ପଦକ୍ଷେପ ନିଆଯିବ । ଅନ୍ୟପକ୍ଷରେ ବୁଧବାର ପ୍ରଶାସନ ପକ୍ଷରୁ କାହିଁକି ତାଲା ଖୋଲାଗଲା ନାହିଁ, ଇଟା ଗାଏବ ପଛରେ ବିଇଓଙ୍କ କାର୍ଯ୍ୟାଳୟର କିଛି କର୍ମଚାରୀଙ୍କ ହାତ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏହି ଅଭିଯୋଗକୁ ବିଇଓ କାର୍ଯ୍ୟାଳୟ ପକ୍ଷରୁ ଖଣ୍ଡନ କରାଯାଇଛି । ବିଇଓ ସୁବାସ ଚନ୍ଦ୍ର ଘଡ଼େଇ କହିଛନ୍ତି, ଜିଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶ ପରେ ମଙ୍ଗଳବାର ତଦନ୍ତ କରାଯାଇଛି । ରିପୋର୍ଟ ମଧ ପଠା ସରିଛି। ସୂଚନାଯୋଗ୍ୟ, ଇଟା ଗାଏବ ସମ୍ପର୍କରେ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ଚୌଧୁରୀ ଜାଣି ନ ଥିବା ସୂଚନା ଦେଇଛନ୍ତି ।

■ତିତ୍ଲି କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ଦାବି

# ସ୍ମାରକପତ୍ର ଦେଲା ସିପିଆଇ (ଏମ୍‌ଏଲ୍) ରେଡଷ୍ଟାର



ଅତିରିକ୍ତ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି ।

ଛତ୍ରପୁର,୧।୧୧(ଡି.ଏନ.ଏ.)

ତିତଲି ବାତ୍ୟା ଓ ପରବର୍ତ୍ତୀ ବନ୍ୟାରେ କ୍ଷତିଗ୍ରସ୍ତ ପରିବାରଙ୍କୁ ପର୍ଯ୍ୟାପ୍ତ ରିଲିଫ, କ୍ଷତିପୂରଣ ପ୍ରଦାନ ଦାବି ନେଇ ସିପିଆଇ (ଏମଏଲ୍) ରେଡଷ୍ଟାର ପକ୍ଷରୁ ଗୁରୁବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସମସ୍ତ ନଦୀବନ୍ଧ ଉଚ୍ଚ ଓ ସୁଦୃଢ କରିବା, ରିଲିଫ ପ୍ୟାକେଜରେ ସଂଶୋଧନ ଆଣି ପ୍ୟାକେଜ ଘୋଷଣା କରିବା, ସମୁଦ୍ର ବେଳାଭୂମିରେ ବ୍ୟାପକ ହେନ୍ତାଳ ଓ ଝାଉଁ ଜଙ୍ଗଲ ସୃଷ୍ଟି କରିବା, ଧାନ ଫସଲ କ୍ଷତିପୂରଣ ବାବଦକୁ ହେକ୍ଟର ପିଛା ୫୦ ହଜାର ଟଙ୍କା ପ୍ରଦାନ, ଚାଷୀଙ୍କ ଋଣ ଛାଡ ଏବଂ ରବି ଫସଲ ପାଇଁ ବିନା ସୁଧରେ ଋଣ ବ୍ୟବସ୍ଥା, ଯେଉଁମାନଙ୍କ ଘର ସଂପୂର୍ଣ୍ଣ ଭାଙ୍ଗିଛି, ସେମାନଙ୍କୁ ବିଜୁ ପକ୍କା ଘର କିମ୍ବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରିବା ନିମନ୍ତେ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ସିପିଆଇ (ଏମଏଲ୍) ରେଡଷ୍ଟାରର ଜିଲା ସମ୍ପାଦକ ଶଙ୍କର ସାହୁ, ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ପ୍ରମୋଦ କୁମାର ରଥ, ରାମ ଚନ୍ଦ୍ର ବାଉତ୍ୟା, ପି ଯୋଗେନ୍ଦ୍ର, ସନ୍ୟାସୀ ନାୟକ, ପୂର୍ଣ୍ଣ ଚନ୍ଦ୍ର ପ୍ରଧାନ, କାର୍ତ୍ତିକ ପ୍ରଧାନ, ବୃନ୍ଦାବନ ବାରିକ ପ୍ରମୁଖ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।

# ଭାଜପା ପକ୍ଷରୁ ରଙ୍ଗେଇଲୁଣ୍ଡା ବ୍ଲକ ଘେରାଉ



ରାଲିରେ ସାମିଲ ହୋଇଥିବା ନେତା ଓ କର୍ମୀମାନେ।

କନିଷି,୧।୧୧(ଡି.ଏନ.ଏ.)

ରାଜ୍ୟରେ ଚାଲିଥିବା ଦୁର୍ନୀତି ଓ ଭ୍ରଷ୍ଟାଚାର ପ୍ରତିବାଦରେ ଭାଜପା ପକ୍ଷରୁ ଗୁରୁବାର ରଙ୍ଗେଇଲୁଣ୍ଡା ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ କାର୍ଯ୍ୟାଳୟ ଘେରାଉ କରାଯାଇଛି। ତିତଲି ବାତ୍ୟା ପ୍ରଭାବରେ ବ୍ଲକର ୩୨ ପଞ୍ଚାୟତର ବିଭିନ୍ନ ଗ୍ରାମରେ କ୍ଷତିଗ୍ରସ୍ତ ପରିବାର ଏବଂ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନରେ ଅବହେଳା, ବିଭିନ୍ନ ସରକାରୀ ଯୋଜନାର ହିତାଧିକାରୀ ଚୟନରେ ପାତରଅନ୍ତର, ଏମଜିଏନଆର୍‌ଇଜିଏସ କାର୍ଯ୍ୟରେ ମେଶିନ ବ୍ୟବହାର ଓ ଘୁଷୁରି ପଲ ଉପଦ୍ରବ ଘଟଣାରେ ପ୍ରଶାସନ ନୀରବ ରହିବା ପ୍ରତିବାଦରେ ଏହି ଆନ୍ଦୋଳନ କରାଯାଇଥିଲା । ରାଜ୍ୟ ଭାଜପା ସମ୍ପାଦକ ବିଭୂତି ଭୂଷଣ ଜେନାଙ୍କ ନେତୃତ୍ୱରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା ପ୍ରାୟ ୫ ହଜାରରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ କର୍ମୀ କନିଷି ହାଟସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ନିକଟରୁ ବିରାଟ ରାଲିରେ ନାରାବାଜି ଦେଇ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିଡିଓ ଅନୁପସ୍ଥିତ ଥିବାରୁ ଗୋଳନ୍ଥରା ଥାନାଧିକାରୀ ଆଲୋକ ଜେନା ଆନ୍ଦୋଳନକାରୀଙ୍କଠାରୁ ପ୍ରତିବାଦ ପତ୍ର ଗ୍ରହଣ କରିଥିଲେ। ବ୍ଲକ ଘେରାଉ କାର୍ଯ୍ୟକ୍ରମରେ ଜିଲା ସଭାପତି କାହ୍ନୁଚରଣ ପତି, ଜିଲା ପରିଷଦ ସଭ୍ୟ ବିନୋଦ ଚନ୍ଦ୍ର ମିଶ୍ର, ରାଜେଶ ସାହୁ, ବଷ୍ଟି ସାହୁ, ସନତ ନାୟକ, ଗଙ୍ଗାଧର ଶତପଥୀ, ସମୀର ବ୍ରହ୍ମା, ସୁନୀଲ ପାତ୍ର, ଜିଲା ପରିଷଦ ପୂର୍ବତନ ସଭ୍ୟ ଏନ. ଡ଼ମ୍ବରୁ ରେଡ୍ଡୀଙ୍କ ସମେତ ବହୁ ନେତା ଓ କର୍ମୀ ଯୋଗ ଦେଇଥିଲେ ।

# ଧାନ ଫସଲରେ ଚକଡ଼ା ପୋକ:ତହସିଲଦାରଙ୍କୁ ଜଣାଇଲେ ଚାଷୀ

ବୁଗୁଡ଼ା,୧।୧୧(ଡି.ଏନ.ଏ.)

ବୁଗୁଡ଼ା ବ୍ଲକ ଅନ୍ତର୍ଗତ ଆଦିପୁର ଗ୍ରାମର ୧୦ରୁ ଉର୍ଦ୍ଧ୍ୱ ଚାଷୀଙ୍କ କିଆରିରେ ଚକଡ଼ା ପୋକ ଲାଗି ପ୍ରାୟ ୩୦ ଭରଣ ଧାନ ଫସଲ ନଷ୍ଟ ହୋଇଥିବା ବୁଧବାର ତହସିଲଦାରଙ୍କ ନିକଟରେ ଅଭିଯୋଗ ହୋଇଛି । ପୂର୍ବରୁ ତିତଲିଜନିତ ବର୍ଷାରେ ଧାନ ଫସଲ ନଷ୍ଟ ହୋଇଥିବା ବେଳେ ବର୍ତ୍ତମାନ ଚକଡ଼ା ପୋକ ପ୍ରାଦୁର୍ଭାବ ଚିନ୍ତା ବଢ଼ାଇଛି। ଆଦିପୁରର ସତ୍ୟ ନାରାୟଣ ନାହାକ, ରାଧାମାଧବ ଜେନା, ଜଟେଶ୍ୱର ବିଷୋୟୀ, ତ୍ରିନାଥ ନାୟକ, ବିପ୍ରଚରଣ ନାୟକ, ଆଦିକନ୍ଦ ବିଷୋୟୀ, ବିଜୟ କୁମାର ସାହୁ, ଅଭିମନ୍ୟୁ ସାହୁଙ୍କ ଧାନ ଜମିରେ ଚକଡ଼ା ପୋକ ଲାଗିଛି । ପୋକ ନିୟନ୍ତ୍ରଣ ପାଇଁ ଜମିରେ ଆବଶ୍ୟକ ଔଷଧ ସିଞ୍ଚନ କଲେ ମଧ କିଛି ସୁଫଳ ମିଳୁନାହିଁ । ଏହାର ପ୍ରତିକାର ସହ କ୍ଷତିଗ୍ରସ୍ତଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ଉପରୋକ୍ତ ଚାଷୀମାନେ ତହସିଲଦରାଙ୍କ ଠାରେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ତହସିଲଦାର ସଂଗ୍ରାମ କେଶରୀ ଜେନାଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଆର୍ଥିକ ସାହାଯ୍ୟ ପ୍ରଦାନ ସକାଶେ ସୁବିଧା ଥିଲେ, ସେଥିପାଇଁ ଉଦ୍ୟମ କରାଯିବ। ଚାଷୀଙ୍କ ଦରଖାସ୍ତ ଜିଲାପାଳଙ୍କ ନିକଟକୁ ପ୍ରେରଣ କରିବେ ବୋଲି ତହସିଲଦାର କହିଛନ୍ତି।

# ପଞ୍ଚାୟତ ସ୍ତରୀୟ ସମୀକ୍ଷା ବୈଠକ



ଉପସ୍ଥିତ ଅଧିକାରୀବୃନ୍ଦ।

ବେଗୁନିଆପଡ଼ା,୧।୧୧(ଡି.ଏନ.ଏ.)

ସରକାର ପଞ୍ଚାୟତକୁ କ୍ରିୟାଶୀଳ କରିବା ପାଇଁ ବିଭିନ୍ନ ଯୋଜନାରେ ବିପୁଳ ଅର୍ଥ ପ୍ରଦାନ କରୁଥିବା ବେଳେ ଏହି ଅର୍ଥର ବିନିଯୋଗ ହୋଇ ନ ପାରି ପଞ୍ଚାୟତରେ ଲକ୍ଷ ଲକ୍ଷ ଟଙ୍କା ପଡ଼ି ରହିଛି। ଏହି ଅର୍ଥକୁ ତୁରନ୍ତ ବିନିଯୋଗ ପାଇଁ ବେଗୁନିଆପଡ଼ା ବ୍ଲକ ସୁମଣ୍ଡଳ ପଞ୍ଚାୟତରେ ୯ଟି ପଞ୍ଚାୟତର ସମୀକ୍ଷା ବିଡିଓ ପ୍ରଦୀପ କୁମାର ପଣ୍ଡା କରିଥିଲେ। ଅଙ୍ଗାରଗାଁ, କୁମ୍ଭାରଗାଁ, ବଡ଼ଖଇରଖମା, ସୁମଣ୍ଡଳ, ବୁରୁଝରୀ, ସାଙ୍କୁଡ଼ା, ତାଳସର, ଷଣ୍ଢମୂଳ ଓ ଚିଙ୍ଗୁଡ଼ିଖୋଲ ପଞ୍ଚାୟତର ସମୀକ୍ଷା କରାଯାଇଥିଲା। ୨୦୧୫-୧୬ରୁ ୧୮-୧୯ ଯାଏ ୪ଟି ଆର୍ଥିକ ବର୍ଷରେ କେଉଁ ଯୋଜନାକୁ କେତେ ଟଙ୍କା ଆସିଥିଲା, ଏଥିରୁ କେତେ ଖର୍ଚ୍ଚ ହୋଇଛି, କେତେ ଟଙ୍କା ଖର୍ଚ୍ଚ ନ ହୋଇ ପଡ଼ି ରହିଛି ଓ କେଉଁ କାରଣରୁ ଖର୍ଚ୍ଚ ହୋଇପାରୁନାହିଁ ଆଲୋଚନା କରାଯାଇ ତୁରନ୍ତ ଖର୍ଚ୍ଚ କରିବା ପାଇଁ ବିଡିଓ ତାଗିଦ କରିଥିଲେ। ପଞ୍ଚାୟତରେ ମଞ୍ଜୁରୀ ହେଉଥିବା ପ୍ରକଳ୍ପ ଗୁଡ଼ିକ ଦୁରଦୃଷ୍ଟି ଅଭାବରୁ, ଜଳ ଓ ପରିମଳ ବାବଦରେ ସଠିକ ଗାଇଡ଼ ଲାଇନ ନ ଥିବାରୁ, ପ୍ରକଳ୍ପର ଫିଜିବିଲିଟି ନ ଥିବାରୁ କେତେକ ପ୍ରକଳ୍ପ ହୋଇପାରୁନାହିଁ। ଏହା ଉପରେ ଆଲୋଚନା କରାଯାଇ ତୁରନ୍ତ ପଦକ୍ଷେପ ନେଇ ଗାଇଡ ଲାଇନକୁ ଫଲୋ କରି କାମ କରିବା ପାଇଁ କହିଥିଲେ। ଏଥିରେ ସହକାରୀ ଯନ୍ତ୍ରୀ ବଂଶିଧର ପରିଡ଼ା, ଜିପିଇଓ ନାରାୟଣ ବେହେରା, ଉପାଧକ୍ଷ ଭ୍ରମର ଭୂୟାଁ, ସମସ୍ତ କନିଷ୍ଠ ଯନ୍ତ୍ରୀ, ସରପଞ୍ଚ, ସମିତିସଭ୍ୟ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଜିଆରଏସ, ଯୋଗାଣ ସହାୟକ ଉପସ୍ଥିତ ଥିଲେ।

# ରାମଚରିତ ମାନସ ପାରାୟଣ ପାଇଁ ଶୁଭଖୁଣ୍ଟି

ଚିକିଟି,୧।୧୧(ଡି.ଏନ.ଏ.)

ଚିକିଟି ବ୍ଲକ ଚାନ୍ଦପୁର ମୁଖ୍ୟ ବଜାରରେ ରବିବାର ମଧ୍ୟାହ୍ନରେ ରାମଚରିତ ମାନସ ପାରାୟଣ ପାଇଁ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି । ଅଞ୍ଚଳର ବିଶିଷ୍ଟ ପଣ୍ଡିତ ଶ୍ୟାମ ସୁନ୍ଦର ପ୍ରହରାଜ ଯୋଗଦେଇ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରି ଶଙ୍ଖଧ୍ୱନି ମାଧ୍ୟମରେ ଶୁଭଖୁଣ୍ଟି ସ୍ଥାପନା କରାଯାଇଥିଲା । ଶୁକ୍ଳପକ୍ଷ ଚତୁର୍ଥୀରେ ଏହି ରାମଚରିତ ମାନସ ପାରାୟଣ ନଭେମ୍ବର ୧୧ରୁ ୧୯ ପର୍ଯ୍ୟନ୍ତ ୯ଦିନ ଧରି ଅନୁଷ୍ଠିତ ହେବ । ଏହି ପାରାୟଣରେ ପ୍ରବଚନ ଦେବା ପାଇଁ ପୁରୀରୁ ବ୍ୟାସ ପୁରୁଷୋତ୍ତମ ଦାସ ମହାରାଜ୍‌ନ୍, ବକ୍ତା ଭାବେ ସଭ୍ୟାରଣୀ, ବାଙ୍କିରୁ ଗଣେଶ ବାବା ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ରାମଚରିତ ମାନସ ପାରାୟଣ କମିଟିର ସଭାପତି ଗୋବିନ୍ଦ ସାହୁ, ରମେଶ ଚନ୍ଦ୍ର ସାହୁଙ୍କ ପକ୍ଷରୁ କୁହାଯାଇଛି ।

# ବାଲିଗୁଡ଼ା ଓକିଲ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ

ବାଲିଗୁଡା,୧।୧୧(ଡି.ଏନ୍.ଏ.)

ଓଡିଶା ହାଇକୋର୍ଟ ଆଇନଜୀବୀଙ୍କୁ ପୋଲିସର ମାଡ ଘଟଣାକୁ ୨ମାସରୁ ଉର୍ଦ୍ଧ୍ୱ ସମୟ ହୋଇଥିଲେ ମଧ ସମ୍ପୃକ୍ତ ପୋଲିସ କର୍ମଚାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଏହାର ପ୍ରତିବାଦରେ ବାଲିଗୁଡ଼ା ବାର୍ ଆସୋସିଏସନ୍ ସଭାପତି କୌଶିକ ସାହୁଙ୍କ ନେତୃତ୍ୱରେ ଦିନିକିଆ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଛି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସୁରେଶ କୁମାର ପଟ୍ଟନାୟକ, ବିଜୟ କୁମାର ସାହୁ, ଟି. ହରିଶ୍ଚନ୍ଦ୍ର ରାଓ, ମାନସି ରଞ୍ଜନ ପଣ୍ଡା, ସୁଧାଂଶୁ ମୋହନ ପତି, ସେଖ୍ ସାଦିକ୍, ପଦ୍ମଚରଣ ପଟ୍ଟନାୟକ, ପଦ୍ମଚରଣ ପଣ୍ଡା, ଅବନୀ କୁମାର ପଟ୍ଟନାୟକ, ଭାଗିରଥୀ ରାଉତରାୟ, ଶିରିଶ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ରାଶନକାର୍ଡ ବଣ୍ଟନ

ଖଜୁରିପଡା,୧।୧୧(ଡି.ଏନ୍.ଏ.)



ଜଣେ ହିତାଧିକାରୀଙ୍କୁ କାର୍ଡ ଓ ରାଶନ ସାମଗ୍ରୀ ଦିଆଯାଉଛି।

କନ୍ଧମାଳ ଜିଲା ଖଜୁରିପଡା ବ୍ଲକରେ ଗୁରୁବାର ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାର ପ୍ରଥମ ପର୍ଯ୍ୟାୟ ରାଶନକାର୍ଡ ଓ ଚାଉଳ ବଣ୍ଟନର ଶୁଭାରମ୍ଭ ହୋଇଛି। ଏହାକୁ ଫୁଲବାଣୀ ବିଧାୟକ ଦୁଗୁନି କହଁର ଓ ଖଜୁରିପଡା ବ୍ଲକ ଅଧକ୍ଷ ବିରେନ୍ଦ୍ର କୁମାର କହଁର ଉଦ୍‌ଘାଟନ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୭୦୬ ହିତାଧିକାରୀଙ୍କୁ ରାଶନକାର୍ଡ ଓ ଚାଉଳ ପ୍ରଦାନ କରାଯାଇଛି। ବ୍ଲକ ଯୋଗାଣ ଅଧିକାରୀ ଅମରେଶ ରଥଙ୍କ ସୂଚନା ପ୍ରକାରେ ବ୍ଲକର ୧୪ଟି ପଞ୍ଚାୟତରେ ୧୦୦୧ ପରିବାରରେ ୨୮୩୧ ହିତାଧିକାରୀ ଆବେଦନ କରିଥିଲେ। ବର୍ତ୍ତମାନ ସୁଦ୍ଧା ୭୧୭ ଜଣଙ୍କ କାର୍ଡ ମଞ୍ଜୁର ହୋଇଥିବାବେଳେ ବିଧାୟକ ଓ ଅଧକ୍ଷଙ୍କ ଦ୍ୱାରା ଗୁରୁବାର ୭୦୬ଜଣଙ୍କ କାର୍ଡ ବଣ୍ଟା ଯାଇଛି। ବିଡିଓ ରବି ନାରାୟଣ ଜେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବ୍ଲକ ଏପିଓ ନବନିତା ତ୍ରିପାଠୀ, ସୋନମ ବେହେରା, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଅନିତା ବଡସେଠ, ଖଜୁରିପଡା ଲ୍ୟାମ୍ପ ଶାଖା ପରିଚାଳକ ନିର୍ଦ୍ଦେଶକ କୃପା ସାହୁ, ଶୁଭେନ୍ଦୁ ନାଏକ, ସହକାରୀ ଯନ୍ତ୍ରୀ ସିଦ୍ଧାର୍ଥ ଶେଖର, କନିଷ୍ଠ ଯନ୍ତ୍ରୀ ଦୁର୍ଗାପ୍ରସାଦ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। ଜିଲା ପରିଷଦ ସଭ୍ୟା ଜୁଲିଲତା ଲେଙ୍କା, ଅନୁରାଧା ସାହୁ, ସ୍ଥାନୀୟ ସମିତିସଭ୍ୟା ଗୀତାଞ୍ଜଳୀ ସାହୁ, ସରପଞ୍ଚ ଗୌରୀଚନ୍ଦ୍ର କହଁର, ସରୋଜ କୁମାର ସାହାଣୀ ଓ ବହୁ ସରପଞ୍ଚ ଓ ସମିତିସଭ୍ୟା ଉପସ୍ଥିତ ଥିଲେ।

# ଆମ ପୋଲିସ ସମିତି ବୈଠକ

ଦାରିଙ୍ଗବାଡ଼ି,୧।୧୧(ଡି.ଏନ.ଏ)

ଦାରିଙ୍ଗବାଡ଼ି ଥାନା ପକ୍ଷରୁ ବୁଧବାର ଆମ ପୋଲିସ ସମିତି ବୈଠକ ଆଇଆଇସି ଅଲେଖ ଗରଡ଼ିଆଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଲିଗୁଡ଼ା ଏସ୍‌ଡିପିଓ ନିତିନ କୁସାଲକର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଞ୍ଚଳର ଜନପ୍ରତିନିଧି, ଆମ ପୋଲିସ ସମିତି ସଦସ୍ୟଙ୍କ ସହ ଆଇନଗତ ସମସ୍ୟା, ଟ୍ରାଫିକ ସମସ୍ୟା, ଅଞ୍ଚଳରେ ଶାନ୍ତି ପ୍ରତିଷ୍ଠା ସମ୍ପର୍କରେ ଆଲୋଚନା କରିଥିଲେ । ଅଞ୍ଚଳରେ କୌଣସି ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜିଲେ କିମ୍ବା କେହି ହିଂସା ପାଇ ଉସୁକାଇଲେ ପୋଲିସକୁ ଫୋନ ଯୋଗେ ଜଣାଇବାକୁ କୁହାଯାଇଥିଲା । ଅଞ୍ଚଳରେ ଟ୍ରାଫିକ ନିୟନ୍ତ୍ରଣ, ବେପରୁଆ ଗାଡ଼ି ଚାଳକଙ୍କୁ ରୋକିବା ଦିଗରେ ପୋଲିସ ଆଉ ଅଧିକ ପଦକ୍ଷେପ ନେବାକୁ ସୋନପୁର ସରପଞ୍ଚ କେଶବ ସିଂ ମୁଠାମାଝି, ପର୍ତ୍ତମାହା ପୂର୍ବତନ ସରପଞ୍ଚ ଜ୍ୟୋତିରାଜ ପ୍ରଧାନ ପ୍ରମୁଖ ଗୁହାରି କରିଥିଲେ । ଆମ ପୋଲିସ ସମିତିର ଏପରି ବୈଠକ ଦ୍ୱାରା ସାଧାରଣ ଲୋକ ଏବଂ ପୋଲିସ ମଧ୍ୟରେ ସମ୍ପର୍କ ଯୋଡି ହେଉଛି ବୋଲି ପୂର୍ବତନ ସମିତିସଭ୍ୟ ତଥା ୧୦ ନଂ ଜୋନର କଂଗ୍ରେସ ସଭାପତି କାଳୀପ୍ରସାଦ ମଲ୍ଲିକ କହିଥିଲେ । ନିଶାସକ୍ତ ଗାଡ଼ି ଚାଳକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସାରିଙ୍ଗିଇର୍ପି ଗ୍ରାମର ବନ ସଂରକ୍ଷଣ ସମିତି ସଭାପତି ସୁନୀଲ କୁମାର ପ୍ରଧାନ କହିଥିଲେ । ବୈଠକରେ ହାବିଲଦାର ଗଜେନ୍ଦ୍ର ବିଶୋୟୀ, ସିଆଙ୍ଗବାଲି ସରପଞ୍ଚ ଅନିମା ପ୍ରଧାନ, ଯୁବନେତା ବରୁଣ ନାୟକ, ବରିଷ୍ଠ ନାଗରିକ କୁମୁଦ ଚନ୍ଦ୍ର ସାହୁ, ଦାସିଂବାଡ଼ି ନାଏବ ସରପଞ୍ଚ ମିନୁରା ପ୍ରଧାନ, ନହ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ ।

